

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 NOVEMBER 2022

Vol.No. 33 ■ No. 299 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ପଦ୍ମପୁର ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ

ଶେଷ ଦିନରେ ନାମାଙ୍କନ କଲେ ୩ ପ୍ରମୁଖ ଦଳର ପ୍ରାର୍ଥୀ

ପଦ୍ମପୁର/ଭୁବନେଶ୍ୱର,୧୭/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଗୁରୁବାର ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି । ଉପନିର୍ବାଚନ ମଇଦାନରେ ରହିଛନ୍ତି ସମୁଦାୟ ୧୩ ଜଣ ପ୍ରାର୍ଥୀ । ଶେଷ ଦିନରେ ବିଜୁ ଜନତା ଦଳ ପ୍ରାର୍ଥୀ ବର୍ଷାରାଣୀ ସିଂ ବରିହା, ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ବିଧାୟକ ପ୍ରଦୀପ ପୁରୋହିତ, କଂଗ୍ରେସର ପ୍ରାର୍ଥୀ ସତ୍ୟଭୂଷଣ ସାହୁ ଓ ଓଡ଼ିଶା ଜନତା ପାର୍ଟି (ଓଜେପି) ତରଫରୁ ମୁକ୍ତେଶ୍ୱର ଦାସ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏମାନଙ୍କ ବ୍ୟତୀତ ଜୟନ୍ତ ଥପା, ଶେଷଦେବ ସାହୁ, ବୃନ୍ଦାବନ ପୁରୋହିତ,ମୁକ୍ତେଶ୍ୱର ଦାସ, ରେବତୀ ଗିରି, ଉଦିତ ବଣ୍ଟିଆ, ଦେବାର୍ଚ୍ଚନ ନାଏକ, ବିଦ୍ୟାଧର ପାଣ୍ଡବ, ଗଙ୍ଗାଧର ସାହାଓ ଦେବବ୍ରତ ସୁନାନୀ ମଧ୍ୟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ପଦ୍ମପୁର ଉପନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନାମାଙ୍କନ ଭରିଛନ୍ତି । ଏହି ସମୟରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବରଗଡ଼ ସାଂସଦ ସୁରେଶ ପୂଜାରୀ, ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ ।ସେହିପରି ବିଜେଡି ପ୍ରାର୍ଥୀନୀ ବର୍ଷାରାଣୀ ସିଂ ବରିହା ବିଜେଡି ନେତ୍ରୀ ସ୍ନେହାଙ୍ଗୀନୀ ଛୁରିଆ, ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ଶତାଧିକ ସମର୍ଥକଙ୍କ ସହ ଆସି ନାମାଙ୍କ ଦାଖଲ କରିଥିଲେ । ନାମାଙ୍କନ ପୂର୍ବରୁ ବୁଢ଼ା ରାଜାଙ୍କ ଆର୍ଶୀବାଦ ନେଇଥିଲେ ବର୍ଷା ସିଂ ବରିହା । ସେପଟେ ବିରାଟ ଶୋଭାଯାତ୍ରାରେ ନାମାଙ୍କନ ଭରିବାକୁ ଯାଇଥିଲେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ । ତାଙ୍କ ସାଥିରେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ବିଧାୟକ ନରସିଂହ ମିଶ୍ର ଓ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ । ପଦ୍ମପୁର ବିଧାନସଭାର ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୧୮ ତାରିଖରେ ମନୋନୟନ ପତ୍ର ଯାଂଚ କରାଯିବ ଏବଂ ୨୧ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ସମୟ ରହିଛି । ଆସନ୍ତା ୫ ତାରିଖରେ ସକାଳ ୭ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ କରାଯିବ ।

ଖଣି ଦୁର୍ନୀତି ମାମଲାରେ ହେମନ୍ତ ସୋରେନଙ୍କୁ ଇଡିର ମାରାଥନ ଜେରା

ନୂଆଦିଲ୍ଲୀ, ୧୭/୧୧ : ବେଆଇନ ଖଣି ଖନନ ମାମଲାରେ ଭାରତ ବର୍ଷରେ ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଜେରା କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ । ୧ ହଜାର କୋଟିର ଦୁର୍ନୀତି ଅଭିଯୋଗ ମାମଲାରେ ଦେଶର ସବୁଠୁ ବଡ ଅର୍ଥନୈତିକ ଅପରାଧ ତଦନ୍ତକାରୀ ସଂସ୍ଥା ଇଡି ଗୁରୁବାର ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମାରାଥନ ଜେରା କରିଛି । ଏହି ମାମଲାରେ ଇଡି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ହେମନ୍ତ ସୋରେନଙ୍କୁ ବେଆଇନ ଖଣି ଖନନ ନେଇ ଗୁଡେଇ ତୁଡେଇ ପ୍ରଶ୍ନ କରିଛି । ଗିରଫ ମୁଖ୍ୟ ଅଭିଯୁକ୍ତ ପଙ୍କଜ ମିଶ୍ରଙ୍କ ପାଖରୁ ଜବତ ହୋଇଥିବା ତାଙ୍କର ଏକ ବ୍ୟାଙ୍କ ପାସବୁକ୍, ଚେକ୍ ବୁକ୍ ଏବଂ ତାଙ୍କ ଦସ୍ତଖତ ଥିବା ଦୁଇଟି ଚେକ୍ ଉପରେ ସୋରେନଙ୍କୁ ଇଡି ପ୍ରଶ୍ନ କରିଥିବା ସୂଚନା ମିଳିଛି । ଇଡିରେ ହାଜର ହେବାକୁ ଯିବା ପୂର୍ବରୁ ଗୁରୁବାର ସୋରେନ କହିଛନ୍ତି କେନ୍ଦ୍ରର ବିଜେପି ସରକାରର ବଡ ଷଡଯନ୍ତ୍ରର ଏକ ଅଂଶଭାବେ ତାଙ୍କ ସହ ଏଭଳି କରାଯାଉଛି । ମୁଖ୍ୟମନ୍ତ୍ରୀ ଭଳି ସାମ୍ବାଧାନିକ ପଦବୀରେ ଥାଇବି ତାଙ୍କୁ ଇଡି ଯେଉଁଭଳି ଭାବେ ସମନ କରୁଛି, ଯେପରି ସେ ଦେଶ ଛାଡି ପଳାଇଯାଉଛନ୍ତି । କେବଳ କିଛି ବଡ ବଡ ଶିଳ୍ପପତି ଦେଇ ଛାଡି ପଳାଇ ଯାଇଛନ୍ତି, କୌଣସି ରାଜନେତା ନୁହେଁ ବୋଲି କହିଛନ୍ତି ସୋରେନ । ଜୁଲାଇ ୮ ତାରିଖରେ ଇଡି ସୋରେନଙ୍କ ଦଳର ଜଣେ ବିଧାୟକଙ୍କ ନୋମିନି ପଙ୍କଜ ମିଶ୍ରଙ୍କୁ ଜେରା କରିଥିଲା । ୪୭ ସ୍ଥାନରେ ଚଢାଉ କରି ଇଡି ୧୮ କୋଟି ଟଙ୍କା ସହ ଦୁଇ ଏକେ-୪୭ ବନ୍ଧୁକ ଜବତ କରିଥିଲା । ଅଭିଯୁକ୍ତଙ୍କ ଘରୁ ସୋରେନ ଏବଂ ତାଙ୍କ ପରିବାର ଲୋକଙ୍କ ବ୍ୟାଙ୍କ୍ ପାସ୍ବୁକ୍ ଏବଂ ଚେକ୍ ବୁକ୍ ମିଳିଥିଲା । ବାସ୍ତବରେ ଏହି ବେଆଇନ୍ ଅର୍ଥ ହେରଫେର ମାମଲାରେ ହେମନ୍ତ ସୋରେନଙ୍କ କଣ ଭୂମିକା ରହିଛି ତାହା ତଦନ୍ତ ପରେ ହିଁ ଜଣାପଡିବ । ହେଲେ ଏହାକୁ ନେଇ ଏବେ ରାଜନୀତି ଜୋର ଧରିଛି । ୨୦୧୯ରେ ଝାଡଖଣ୍ଡରେ କଂଗ୍ରେସ ଏବଂ ଜେଏମଏମ ସରକାର ଗଠନ ପରେ ବିଜେପି ସରକାରକୁ ଭାଙ୍ଗିବାକୁ ଏଭଳି କରୁଥିବା ଅଭିଯୋଗ କରିଛି ଜେଏମଏମ୍ ।

ବଢିଲା ବ୍ୟାସନଗର ପୌରାଧକ୍ଷାଙ୍କ ଅଡୁଆ : ଥାନାରେ ଏତଲା ଦେଲେ ନିର୍ବାହୀ ଅଧିକାରୀ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ବ୍ୟାସନଗରରେ ନିର୍ବାହୀ ଅଧିକାରୀଙ୍କ ଉପରକୁ ପୌରାଧକ୍ଷ ଫାଇଲ ଫିଙ୍ଗିବା ଘଟଣା ବିବାଦ ବଢିବାରେ ଲାଗିଛି । ନିର୍ବାହୀ ଅଧିକାରୀ ଅଶୋକ ରାଉତଙ୍କ ଉପରକୁ ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ ଫାଇଲ ଫିଙ୍ଗିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏବେ ଏହି ମାମଲା ଥାନାକୁ ଯାଇଛି । ପୂରା ଘଟଣାର ତଦନ୍ତ କରି ନ୍ୟାୟପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି ନିର୍ବାହୀ ଅଧିକାରୀ । ନିର୍ବାହୀ ଅଧିକାର ଅଭିଯୋଗ କରିଛନ୍ତି, ଭିଡିଓ ଭାଇରାଲ ହେବା ପରେ ତାଙ୍କ ସମ୍ମାନ ହାନି ହେବା ସହ ମାନସିକ ଆଘାତ ଲାଗିଥିବା ସେ କହିଛନ୍ତି । ବିବାଦ ଥାନାରେ ପହଞ୍ଚିବା ପରେ ନରମିଛନ୍ତି ସଙ୍ଗୀତା ପିଙ୍ଗୁଆ । ସେ କହିଛନ୍ତି ମିଳିମିଶି କାମ କରିବେ । ବିକାଶକୁ ଆଗକୁ ନେବାକୁ ହେବ । ୮ନମ୍ବର ୱାର୍ଡରେ ଜିଓ ଟାୱାର ସ୍ଥାପନକୁ ନେଇ ଉତକ୍ଷିପ୍ତ ହୋଇଥିଲେ ପୌର ଅଧକ୍ଷା ସଙ୍ଗୀତା ପିଙ୍ଗୁଆ । ଘଟଣା ନେଇ ଉଭୟ ପୌରଧକ୍ଷା ଓ ପୌରଅଧିକାରୀ ଆଲୋଚନା ସମୟରେ ହଠାତ ରାଗିଯାଇଥିଲେ ସଙ୍ଗୀତା । ଗାଳିଗୁଳଜ କରିବା ସହିତ ପୌରଅଧିକାରୀଙ୍କ ଉପରକୁ ଫାଇଲ ଫୋପାଡିଥିଲେ । ଏହାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି ।

ଫସଲ ବୀମା ବିବାଦର ଶୀଘ୍ର ସମାଧାନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ତୋମାର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୭/୧୧ (ନି.ପ୍ର): ଫସଲ ବୀମା ଯୋଜନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର । ଓଡିଶାର ଚାଷୀଙ୍କୁ ଫସଲ ବୀମା ମିଳିଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜଣାଇଛନ୍ତି । ଗତକାଲି ଏହି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୋମାରଙ୍କୁ ଭେଟି ଆଲୋଚନା କରିଥିଲେ । ଚିଠିରେ କେନ୍ଦ୍ର କୃଷି ମନ୍ତ୍ରୀ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିବା ରାଜ୍ୟର ଦାୟିତ୍ୱ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଟେଣ୍ଡର ଜାରି କରିବା, ବୀମା କମ୍ପାନୀକୁ କ୍ଲଷ୍ଟର ଅଫ୍ ଡିଷ୍ଟ୍ରିକ୍ଟ ପ୍ରଦାନ କରିବା ଏବଂ ପ୍ରିମିୟମ ରେଟର ଚୁକ୍ତି କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ତେବେ ଏଥିଲାଗି ଥିବା ସଠିକ୍ ନିୟମ ଓ ପ୍ରକ୍ରିୟାକୁ ରାଜ୍ୟ ସରକାର ଅନୁସରଣ କରିନାହାନ୍ତି । ରାଜ୍ୟ ସରକାର ନିୟମ ଭାଙ୍ଗିବା କାରଣରୁ ରାଜ୍ୟରେ କୃଷି ବୀମା ମିଳିବାରେ ବିଳମ୍ବ ହୋଇଛି । ଓଡ଼ିଶାର ଅନେକ ମରୁଡିଗ୍ରସ୍ତ ଅଂଚଳର ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ ଲାଗି କେନ୍ଦ୍ର କୃଷି ମନ୍ତ୍ରଣାଳୟର ବୈଷୟିକ ପରାମର୍ଶଦାତା କମିଟି ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରିଥିଲା । ଏହାସତ୍ତ୍ୱେ ଚାଷୀଙ୍କୁ ବୀମା ରାଶି ମିଳି ନଥିଲା । ଏନେଇ ଦେଖାଦେଇଥିବା ବିବାଦର ତ୍ୱରିତ ସମାଧାନ ପାଇଁ ନିୟମାବଳୀ ନିର୍ଦ୍ଧାରଣ କରାଯାଇଛି । ଏହି ଆଧାରରେ ରାଜ୍ୟସ୍ତରରେ ବିବାଦଗୁଡିକର ସମାଧାନ ଲାଗି ରାଜ୍ୟ ସ୍ତରୀୟ ବୈଷୟିକ ପରାମର୍ଶଦାତା କମିଟି ରହିଛି । ସମସ୍ୟା ସମାଧାନ ହୋଇ ନ ପାରିଲେ କେନ୍ଦ୍ର ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟି ନିକଟରେ ଉପସ୍ଥାପନ କରିବାର ନିୟମ ରହିଛି । ବୀମା କମ୍ପାନୀଗୁଡିକ ପକ୍ଷରୁ ବୀମାରାଶି ପ୍ରଦାନ କରାଯାଉଥିବା ବେଳେ ଚଳିତ ସପ୍ତାହ ମଧ୍ୟରେ ସମସ୍ତ ବିବାଦକୁ ସମାଧାନ କରାଯିବ ବୋଲି ଚିଠିରେ ଦର୍ଶାଯାଇଛି ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା : ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

ବାରିପଦା/କଟକ,୧୭/୧୧ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ମୟୁରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି । ତାଙ୍କ ନିକଟରୁ ପାଖାପାଖି ୬ କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇଛି । ଯେଉଁଥିରେ ଭୁବନେଶ୍ୱରରେ ଏକ ତିନିମହଲା କୋଠା, ଏକ ଫ୍ଲାଟ ଓ ୨ଟି ଦୋକାନ ଘର ଏବଂ ଭୁବନେଶ୍ୱର, କଟକ ଓ କେନ୍ଦ୍ରାପଡ଼ାରେ ୧୨ଟି ପ୍ଲଟ, ୧.୨ କୋଟିରୁ ଅଧିକ ଜମା ଟଙ୍କା, ନଗଦ ଟଙ୍କା ୨୮.୦୯ ଲକ୍ଷ, କ୍ରେଡିଟ୍ କାର୍ଡ କାରବାର ପ୍ରାୟ ୧କୋଟି, ସୁନା ୨.୩ କେଜି ଇତ୍ୟାଦି ରହିଛି ।

ଚର୍ଚ୍ଚାରେ ରାହୁଲ ଗାନ୍ଧୀଙ୍କ ବୟାନ

ନୂଆଦିଲ୍ଲୀ, ୧୭/୧୧ : ଗୁଜରାଟ ବିଧାନସଭା ନିର୍ବାଚନକୁ ଆଉ ଅଳ୍ପ କିଛି ଦିନ ବାକି ରହିଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଭାରତରେ ଯେକୌଣସି ଦଳକୁ ସୋସିଆଲ ମିଡିଆ କମ୍ପାନୀ ଜିତାଇ ପାରିବେ । ଯଦି ଇଭିଏମ ସୁରକ୍ଷିତ ଥାଏ, ତେବେ ଫେସବୁକ, ଟୁଇଟର ଭଳି ବଡ ବଡ ▶▶ପୃଷ୍ଠା ୭

ପଶ୍ଚିମବଙ୍ଗର ରାଜ୍ୟପାଳ ହେଲେ ସିଭି ଆନନ୍ଦା ବୋଷ



ନୂଆଦିଲ୍ଲୀ, ୧୭/୧୧ : ପଶ୍ଚିମବଙ୍ଗର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି ଡକ୍ଟର ସିଭି ଆନନ୍ଦା ବୋଷ । କେନ୍ଦ୍ର ସରକାରଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟପାଳ ଭାବେ ଡକ୍ଟର ବୋଷଙ୍କ ନିଯୁକ୍ତି ଉପରେ ମୋହର ମାରିଛନ୍ତି । ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଗୋଟିଏ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ଡକ୍ଟର ବୋଷଙ୍କୁ ତତ୍କାଳ ପ୍ରଭାବରେ ଦାୟିତ୍ୱ ଗ୍ରହଣ କରିବାକୁ କୁହାଯାଇଛି । ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ କାର୍ଯ୍ୟ କରୁଥିବା ଜଗଦୀପ ଧନଖଡ଼ ୨୦୨୨ ଅଗଷ୍ଟ ୭ରେ ଦେଶର ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ । ଏଥିପାଇଁ ତାଙ୍କୁ ବେଙ୍ଗଲର ରାଜ୍ୟପାଳ ପଦ ଛାଡ଼ିବାକୁ ପଡ଼ିଥିଲା । ସେବେଠାରୁ ରାଜ୍ୟପାଳ ପଦବୀ ବେଙ୍ଗଲରେ ଖାଲି ପଡ଼ିଥିଲା । ମଣିପୁର ରାଜ୍ୟପାଳ ଲା ଗଣେଶନ ବେଙ୍ଗଲ ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ । ଏଥିପାଇଁ କେନ୍ଦ୍ର ସରକାର ଡକ୍ଟର ବୋଷଙ୍କୁ ବେଙ୍ଗଲ ରାଜ୍ୟପାଳ ଭାବେ ନିଯୁକ୍ତି ଦେବାକୁ ସୁପାରିସ କରିଥିଲେ । ଡକ୍ଟର ସିଭି ଆନନ୍ଦା ବୋଷ ୧୯୫୧ ମସିହା ଜାନୁଆରୀ ୨ରେ କେରଳରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଆଇଏଏସ୍ ଅଧିକାରୀ ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି । ଏକଦା ଜିଲ୍ଲାପାଳ ଭାବେ କାମ କରୁଥିବା ଡକ୍ଟର ବୋଷ କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ବିଭାଗରେ କାମ କରିଛନ୍ତି । ପ୍ରଶାସନିକ ସେବାରୁ ଅବସର ନେବା ପରେ ସେ ମେଘାଳୟ ସରକାରଙ୍କ ପରାମର୍ଶଦାତା ହୋଇଥିଲେ । ୭୧ ବର୍ଷୀୟ ଡକ୍ଟର ବୋଷ ଜଣେ ଜଣାଶୁଣା ଲେଖକ । ସେ ବିଭିନ୍ନ ଭାଷାରେ ୩୨ଟି ବହି ଲେଖିଛନ୍ତି ।

ବିଶିଷ୍ଟ କୂଟନୀତିଜ୍ଞ ଅବସର ବେଉରିଆଙ୍କ ପରଲୋକ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ଦେଶର ପୂର୍ବତନ ରାଷ୍ଟ୍ରଦୂତ, ବିଶିଷ୍ଟ କୂଟନୀତିଜ୍ଞ, ଲେଖକ ତଥା ସ୍ତମ୍ଭକାର ଅବସର ବେଉରିଆଙ୍କର ପରଲୋକ ହୋଇ ଯାଇଛି । ବୁଧବାର ବିଳମ୍ବିତ ରାତ୍ରୀରେ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ପରିବାର ପକ୍ଷରୁ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ଶ୍ରୀ ବେଉରିଆ ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, ମିଆଁମାର, ଶ୍ରୀଲଙ୍କା ଏବଂ ରୁଷରେ ଭାରତୀୟ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ । ଏଥିସହିତ ବହୁବାର ବିଭିନ୍ନ ଅନ୍ତର୍ଜାତୀୟ ସମ୍ମିଳନୀରେ ବି ଯୋଗ ଦେଇଥିଲେ । ଓଡିଆ ଷ୍ଟଡିଜ୍ ଏବଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଅଧକ୍ଷ ଥିଲେ ।

ମହଙ୍ଗା ପଡିଲା ରାଗିଂ: କଡ଼ା ପଦକ୍ଷେପ ନେଲେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୧୭/୧୧ (ନି.ପ୍ର): ରାଗିଂ ବିରୋଧରେ କଡ଼ା ପଦକ୍ଷେପ । କଲେଜରୁ ବହିଷ୍କୃତ ହେବେ ସମସ୍ତ ଅଭିଯୁକ୍ତ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କଲା ପୁଲିସ । ରାଗିଂର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ତପ୍ତର ହୋଇଉଠିଛନ୍ତି କଲେଜ କର୍ତ୍ତୃପକ୍ଷ ଓ ବ୍ରହ୍ମପୁର ପୁଲିସ । ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି । ର୍ୟାଗିଂ ରୋକିବା ପାଇଁ କଡ଼ା ନିୟମ ଥିଲେ ବି ଅଭିଯୁକ୍ତମାନେ ଏହାକୁ ଖାତିର ନକରି ନବାଗତଙ୍କୁ ରାଗିଂ କରିଥିଲେ । ବ୍ରହ୍ମପୁରର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ରାଗିଂର ଏହି ଭିଡିଓ ଭାଇରାଲ ହୋଇଥିଲା । ଭିଡିଓରେ ଯୁକ୍ତ ୨ରେ ପଢୁଥିବା ଜଣେ ଛାତ୍ରୀଙ୍କୁ ରାଗିଂ କରୁଥିବାର ଦୃଶ୍ୟ କଏଦ ହୋଇଥିଲା । ଏ ନେଇ କଲେଜର ଅଧକ୍ଷା ପ୍ରମିଳା ଖାଡ଼ଙ୍ଗାଙ୍କ ଅଧକ୍ଷତାରେ ଆଣ୍ଟି ର୍ୟାଗିଂ କମିଟି, ଶୃଙ୍ଖଳା କମିଟିର ବୈଠକ ବସିଥିଲା । ଭିଡିଓରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ କଲେଜରୁ ଟିସି ଦେଇ ବାହାର କରିବାକୁ ନିଷ୍ପତି ନିଆଯାଇଛି । ଏହାସହ ସେମାନଙ୍କ କଣ୍ଠକୁ ସାର୍ଟିଫିକେଟରେ ମଧ୍ୟ କଳାଦାଗ ଲଗାଇବେ କଲେଜ କର୍ତ୍ତୃପକ୍ଷ । ଏହାର ଅର୍ଥ ହେଉଛି, ଏହି ଅଭିଯୁକ୍ତମାନଙ୍କ ପାଇଁ ଅନ୍ୟ କଲେଜରେ ନାମ ଲେଖାଇବା ସହଜ ହେବନାହିଁ । ଯୁକ୍ତ ୩ ଛାତ୍ର ଅଭିଷେକ ନାୟକଙ୍କ ଇଙ୍ଗିତରେ ନବାଗତଙ୍କୁ ରାଗିଂ କରାଯାଉଥିବା ଜାଣିବା ପରେ ପ୍ରଥମେ ଅଭିଷେକକୁ ଉଠାଇ ନେଇଥିଲା ପୁଲିସ । ତାଙ୍କ ନାଁରେ ପୂର୍ବରୁ ମଧ୍ୟ ମାମଲା ହୋଇଛି । ବାଇକରେ କର୍କଶ ହର୍ଣ୍ଣ ବଜାଇ ବାତାବରଣ ନଷ୍ଟ କରୁଥିବା ଅଭିଯୋଗରେ ଅଭିଷେକଙ୍କୁ ଚେତାବନୀ ଦିଆଯାଇଥିଲା । ଜଣେ ମହିଳାଙ୍କୁ ମାଡ଼ ମାରି ୩ ଦିନ ଜେଲରେ ବି ରହିଥିଲେ ଅଭିଷେକ। ▶▶ପୃଷ୍ଠା ୭

୧୦,୦୦୦ କର୍ମଚାରୀଙ୍କୁ ଛଟେଇ ପ୍ରସଙ୍ଗରେ ସ୍ପଷ୍ଟ କଲା ଆମାଜନ୍

amazon

ନୂଆଦିଲ୍ଲୀ, ୧୭/୧୧ : ଆର୍ଥିକ ଓ ବ୍ୟବସାୟିକ ମାନ୍ଦାବସ୍ଥାର ଭୟଙ୍କର ପ୍ରଭାବ । କର୍ମଚାରୀଙ୍କୁ ବିଦା କରିବ ଆମାଜନ୍। ଏନେଇ କମ୍ପାନୀ ସ୍ପଷ୍ଟ କରିଛି । ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ କମ୍ପାନୀ ଛଟେଇ କରିବ । କମ୍ପାନୀ ବ୍ୟବସାୟିକ ଘାଟା ସହୁଥିବାରୁ ଖର୍ଚ୍ଚ କାଟ ପାଇଁ ଏଭଳି ନିଷ୍ପତ୍ତି ନେଇଛି । ଚଳିତ ବର୍ଷ ବିଶ୍ୱବ୍ୟାପି ଥିବା କମ୍ପାନୀର ବିଭିନ୍ନ ଶାଖାରେ ୧୦,୦୦୦ କର୍ମଚାରୀଙ୍କୁ ବିଦା କରିବ କମ୍ପାନୀ। ବୁଧବାରଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି । ସାମଗ୍ରିକ ଅର୍ଥନୈତିକ କୁପ୍ରଭାବ ଯୋଗୁଁ କର୍ମଚାରୀ ଛଟେଇ କରିବାକୁ ନିଶ୍ଚିତ କରିଛି । ଆମାଜନ୍ ଔପଚାରିକ ଭାବେ ଜାରି କରିଥିବା ବିବୃତିରେ 'ଡିଭାଇସେସ୍ ଆଣ୍ଡ୍ ସର୍ଭିସେସ୍'ର ବରି

ବାସୁଦେବପୁର ପ୍ରେସକ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ

ବାସୁଦେବପୁର ,୧୭/୧୧ (ନି.ପ୍ର): ବାସୁଦେବପୁର ପ୍ରେସକ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ପ୍ରେସକ୍ଲବ ର ସଭାପତି ରମାକାନ୍ତ ବାରିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ପୌରପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ , ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଓ କବି ପ୍ରଦୀପ ମହାନ୍ତି, ସମାଜସେବୀ ମମତା ଜେନା,ପ୍ରେସ କ୍ଲବ ସମ୍ପାଦକ ଇଂ ନିରଦ ଦାଶ,ବରିଷ୍ଠ ସଦସ୍ୟ କୈଳାସ ସାହୁ ପ୍ରମୁଖ ଯୋଗଦେଇ ପ୍ରେସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ବୈଲୋଚନ ସାହୁ,ସତ୍ୟକାନ୍ତ ନାୟକ,ପ୍ରଶାନ୍ତ ଦାସ, ଗୌତମ ଦେ, କାଳୀପଦ ରାୟ, ପ୍ରଦୀପ୍ତ ମହାନ୍ତି, ଦେବାଶିଷ ମହାନ୍ତି, ସତ୍ୟ ସୁନ୍ଦର ରାଉତ,ତରୁଣ ନନ୍ଦ ମହାନ୍ତି, ବୃନ୍ଦାବନ ମହାନ୍ତି, ଶ୍ରୀକାନ୍ତ ମହାପାତ୍ର, ଅମର ନାରାୟଣ ମହାନ୍ତି,ଜ୍ୟୋତି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ରଂଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସାମ୍ବାଦିକ ଲକ୍ଷ୍ମୀକାନ୍ତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଉରକେଲାରେ ଜାତୀୟ ପ୍ରେସ୍ ଦିବସ ପାଳିତ

ରାଉରକେଲା ,୧୭/୧୧ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଉଦିତ ନଗର ସ୍ଥିତ ଆଇଟିଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ ତଥ୍ୟ ଓ ସୂଚନା ସମ୍ବଳିତ ଖବର ପରିବେଷଣ କରିବା ଓ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କର ରହିବା ପାଇଁ ଏହି ଅବସରରେ ଅତିଥି ଓ ବକ୍ତାମାନେ ମତ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଡା ଶୁଭଙ୍କର ମହାପାତ୍ର ଯୋଗଦେଇ ପୂରାଣ ଓ ଇତିହାସରୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଗଣମାଧ୍ୟମର ଗୁରୁତ୍ୱ ଓ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ଏକ ସେତୁ ଭଳି କାର୍ଯ୍ୟକରିଥାଏ ବୋଲି ଡା ମହାପାତ୍ର କହିଥିଲେ। ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାରେ ବିଭିନ୍ନ ବର୍ଗର ସାମ୍ବାଦିକମାନେ ମତାମତ ରଖିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକ୍ରମ କେଶରୀ ଭୋଇ ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟ ନିମନ୍ତେ ଗନମାଧ୍ୟମ ପ୍ରତିନିଧିଙ୍କ ସହିତ ଉତ୍ତମ ସମନ୍ୱୟ ଓ ସମ୍ପର୍କ ସମ୍ପର୍କରେ ସୂଚନା ଦେଇଥିଲେ। ରାଉରକେଲା ସହରର ଛେଣ୍ଡ୍ ସ୍ଥିତ ରିମ୍‌ସ ଶିକ୍ଷାନୁଷ୍ଠାନର ସାମ୍ବାଦିକ ଓ ଗଣମାଧ୍ୟମ ବିଭାଗର ସ୍ନାତକ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗନେବା ସହିତ ବିଭିନ୍ନ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପ୍ରାୟ ୨୨ଟି ବିଭିନ୍ନ ଭାଷାର ସମ୍ବାଦପତ୍ରକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପୀତବାସ ମିଶ୍ର ,ମନୋରଞ୍ଜନ ଦାଶ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଡ ସୁମନ ଦତ୍ତ, ସତ୍ୟାନନ୍ଦ ବେହେରା, ବିବେକାନନ୍ଦ ଦାସଙ୍କ ସମେତ ସଙ୍ଗଠକ ତଥା ସାହିତ୍ୟିକ ସୁଶିଲ କୁମର ମହାନ୍ତି ଓ ଲେଖିକା ଓ ସାମ୍ବାଦିକା ଡଲିରାଣି ବ୍ରହ୍ମା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମହେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବର୍ଗର ଗଣମାଧ୍ୟମ ପ୍ରତିନିଧିମାନେ ଭାଗ ନେଇଥିଲେ।

ବସ୍ତାରେ ଜାତୀୟ ପ୍ରେସ ଦିବସ ପାଳିତ

ବସ୍ତା ,୧୭/୧୧ (ନି.ପ୍ର): ବସ୍ତା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। କ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରେସ ଦିବସ ରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦୀପକ କୁମାର ପରିଡା, ପୃଥୁନାଥ ମଣ୍ଡଳ, ସେକ ଜଗୁରୁଦ୍ଦିନ, ସେକ ସାବିର, ମିର ଅଲ୍ଲୀ, ଦେବାଶିଷ ସେଠୀ ,ଭରତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଇନ୍ଦୁପୁର ସମବାୟରେ ସମବାୟ ସପ୍ତାହ ପାଳନ

କେନ୍ଦ୍ରାପଡ଼ା ,୧୭/୧୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପ୍ରାଥମିକ କୃଷି ସମବାୟ ସମିତିରେ ସମବାୟ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ସଭାପତି ରୁଦ୍ରପ୍ରସାଦ ଦାସ, ସଂପାଦକ ଦେବେନ୍ଦ୍ର ପ୍ରସାଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସମବାୟ ପତାକା ଉତୋଳନ କରିବା ସହ କୃଷକମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ସୁଷମା ସେଠୀ, ନିର୍ଦ୍ଦେଶକ ବିଜୟ କୁମାର ଜେନା, ପ୍ରଭାକର ମଳିକ, ବିଜୟ କୁମାର ମଳିକଙ୍କ ସହ ଶତାଧିକ କୃଷକ ଉପସ୍ଥିତ ଥିଲେ।

ଧାରଣାସ୍ଥଳରେ ଉତ୍ତେଜନା : ତୀବ୍ରତର ହେଲା ଖରଭୂଇଁ କ୍ରସର ବିରୋଧି ଆନ୍ଦୋଳନ

ବୌଦ୍ଧ ,୧୭/୧୧ (ନି.ପ୍ର): ଖରଭୂଇଁ ଧାରଣାସ୍ଥଳରେ ଉତେଜନା ଦେଖାଦେଇଛି । ପ୍ରଶାସନିକ ଅଧିକାରୀ ଓ ପୋଲିସ ସହ ଯୁକ୍ତିତର୍କ, ଧସ୍ତାଧସ୍ତି ପରେ ପୁଣି ଧାରଣା ଆରମ୍ଭ କଲେ ଗ୍ରାମବାସୀ । କ୍ରସର ବିରୋଧି ଆନ୍ଦୋଳନ ନେତା ଅବକାଶ ସାହୁଙ୍କୁ ଗିରଫ କରିବା ପରେ ତିବ୍ରତର ହୋଇଛି କ୍ରସର ବିରୋଧି ଆନ୍ଦୋଳନ । ଅନ୍ୟପଟେ କଳେବଳେ କ୍ରସର ଚଳଲାଇବାକୁ ପ୍ରଶାସନ ସୁଯୋଗ ଖୋଜିବାରେ ଲାଗିଛି। ଆଜି ଗ୍ରାମବାସୀଙ୍କୁ ଖୋଲାଖୋଲି ଧମକ ଦେଇଛନ୍ତି ହରଭଂଗା ତହସିଲଦାର । ଅନ୍ୟପଟେ କ୍ରସର ମାଲିକଙ୍କ ଠାରୁ ଫାଇନ ଟଙ୍କା ଆଦାୟ କରିବାରେ ଦମ୍ଭ ଦେଖାନ୍ତୁ ତହସିଲଦାର ବୋଲି ଗ୍ରାମବାସୀମାନେ କହିଛନ୍ତି । ପ୍ରଶାସନ ଓ କ୍ରସର ମାଲିକମାନେ ଧାରଣାସ୍ଥଳରୁ କିଛିଦୂରରେ ଗାଡିସବୁ ଜମାକରି ପରିସ୍ଥିତିକୁ ଅପେକ୍ଷା କରିଛନ୍ତି । ଆଜିର ଧାରଣା ସରିବା ପରେ ମଧ୍ୟରାତ୍ରୀରେ ପୋଲିସ ଉପସ୍ଥିତିରେ ପ୍ରଶାସନ କ୍ରସର ଗୁଡିକ ଚଳାଇ ପାରନ୍ତି ବୋଲି ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି । ମଙ୍ଗଳବାର ରାତିସାରା ଖରଭୂଇଁ ଗ୍ରାମରେ ପୋଲିସ ପଇଁତରା ମାରିଥିଲା । ଅନ୍ୟପକ୍ଷରେ ଆନ୍ଦୋଳନ ସ୍ଥଳରେ ଏସ୍ଡିପିଓ ଙ୍କ ସମେତ ୪ ଜଣ ଇନ୍ସପେକ୍ଟର ଓ ୩ ପ୍ଲାଟୁନ ପୋଲିସ ମୃତୟନ କରାଯାଇଛି । କ୍ରସର ବିରୋଧି ଆନ୍ଦୋଳନକୁ ଦମନ କରିବାକୁ ଅଂଟା ଭିଡିଲା ପ୍ରଶାସନ ଓ ପୋଲିସ । ପ୍ରଥମେ କ୍ରସର ବିରୋଧି ଆନ୍ଦୋଳନ ନେତା ଅବକାଶ ସାହୁଙ୍କୁ ଗିରଫ କରିବା ପରେ ଖରଭୂଇଁ ଗ୍ରାମରେ ପହଂଚିଥିଲେ ୩ ପ୍ଲାଟୁନ ପୋଲିସ। ପୋଲିସ ଭୟରେ ପୁରୁଷଶୂନ୍ୟ ହୋଇପଡିଥିଲା ଖରଭୂଇଁ ଗ୍ରାମ । ଗିରଫଦାରୀ ଭୟରେ ସମସ୍ତ ଆନ୍ଦୋଳନକାରୀ ପଳାୟନ କରିଥିଲେ । ଆନ୍ଦୋଳନକାରୀ ମାନଙ୍କୁ ବିଭିନ୍ନ କେଶରେ ଅଭିଯୁକ୍ତ କରି ଗିରଫ କରିବାକୁ ପୋଲିସ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ସପରିବାର ଭୁବନେଶ୍ୱରରୁ ଫେରୁଥିବା ବେଳେ ଅବକାସ ସାହୁଙ୍କୁ ନୟାଗଡ ବୌଦ୍ଧ ସିମାନ୍ତରୁ ଗିରଫ କରିଛି ପୋଲିସ। କ୍ରସର ବିରୋଧି ଆନ୍ଦୋଳନ ଦମନ କରିବାକୁ ପୋଲିସ ଓ ପ୍ରଶାସନର ଷଡ଼ଯନ୍ତ୍ର ବୋଲି ଅନେକ ଅଭିଯୋଗ କରିଛନ୍ତି । ଦିନକୁ ଦିନକୁ କ୍ରସର ବିରୋଧି ଆନ୍ଦୋଳନ ଉଗ୍ରରୂପ ନେଉଥିବା ବେଳେ ଏହାକୁ ଦମନ କରିବା ପାଇଁ ପୋଲିସ ଓ ପ୍ରଶାସନର ଷଡ଼ଯନ୍ତ୍ର କରିଥିବା କୁହାଯାଉଛି। ଏକ ପୁରୁଣା କେଶ କୁ ନେଇ ଅବକାଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅବକାଶଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି ।

ବ୍ଲକସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଜୟପୁର ,୧୭/୧୧ (ନି.ପ୍ର): ଜୟପୁର ବ୍ଲକ ସ୍ତରୀୟ ପରବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ଜୟପୁର ବିଡିଓ ରାଜିବ ଦାସ, ଏବିଡିଓ ମନୋଜ ନାୟକ, ଜିପିଓ ସଞ୍ଜିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୨୯ ତାରିଖରେ ଜୟପୁର ବ୍ଲକ ସ୍ତରିୟ ପରବ ପାଳନ ନେଇ ନିଷ୍ପତି ହୋଇଛି । ପାରାବେଢା ସ୍ଥିତ ଝାଙ୍କରଦେଇ ମନ୍ଦିର ଠାରୁ ପରବ ମଶାଲ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଂଚିବ । ସେଠାରେ ସଂସ୍କୃତିକ କାର୍ଯ୍ୟକ୍ରମ ପୁରଷ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ତା ଆଗରୁ ବିଦ୍ୟାଳୟ ରେ ବକୃତା, ରଚନା ଆଦି ପ୍ରତିଯୋଗିତା ହେବ । ପଂଚାୟତ ସ୍ତରରେ ପରବ କରିବା ନେଇ ଆଲୋଚନା ହୋଇଥିବା ବେଳେ ଏହା କୁ ନକରି ବ୍ଲକ ସ୍ତରରେ ଭଲ ଭାବେ କରିବା ପାଇ ଜିଲା ପରିଷଦ ସଭ୍ୟା , ସରପଂଚ, ସମିତି ସଭ୍ୟା ମାନେ ମତ ଦେଇଥିଲେ। ୨୯ ତାରିଖରେ ବ୍ଲକ ସ୍ତରିୟ ପରବକୁ ଉତ୍ସବ ସହ ପାଳନ କରିବାକୁ ନିଷ୍ପତି ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବ୍ଲକର ସମସ୍ତ କର୍ମଚାରି, ଲାଇନ ଡିପାର୍ଟମେଂଟର ଅଧିକାରି ମାନେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ : ଡିସେମ୍ବର ୭ ରୁ ଧାନ ସଂଗ୍ରହ ଆରମ୍ଭ

କେନ୍ଦୁଝର ,୧୭/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ୨୦୨୨-୨୩ ଖରିଫ୍ ବର୍ଷର ଏଫ୍.ଏ.କ୍ୟୁ. ମାନର ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଚଳିତ ନଭେମ୍ବର ୧୬ ତାରିଖ ବୁଧବାର ପୂର୍ବାହ୍ଣରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ବେସାମରିକ ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ, ଏଫ୍‌ସିଆଇ କର୍ମକର୍ତା, ମିଲର ଏବଂ ଚାଷୀ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାପାଳ ଶ୍ରୀ ଠାକରେ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସଂପର୍କରେ ଆଲୋକପାତ କରି ଶୃଙ୍ଖଳିତ ଭାବେ ଧାନ ସଂଗ୍ରହ ପ୍ରକ୍ରିୟା ପରିଚାଳନା ନିମନ୍ତେ ଯୋଗାଣ, ସମବାୟ ଓ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତମ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । କୌଣସି ଚାଷୀ ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ କିମ୍ବା ପ୍ରାପ୍ୟ ପାଇବାରେ ହଇରାଣ ହରକତ କିମ୍ବା ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଯତ୍ନବାର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ବହୁ ସଂଖ୍ୟାରେ ଚାଷୀ କିପରି ପଞ୍ଜିକୃତ କରିଅଛନ୍ତି ଓ ସସ୍‌ପେକ୍‌ଟ୍ ପ୍ଲଟ୍ ?ଗୁଡିକର ଭେରିଫିକେସନ୍ ଅଦ୍ୟାବଧି ଚାଲୁରହିଛି । ସେଥିପାଇଁ ସଚେତନତା ସୃଷ୍ଟି କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀମାନଙ୍କର ପ୍ରାପ୍ୟ ସମବାୟ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ବ୍ୟାଙ୍କ୍ ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଂଟକୁ ସିଧାସଳଖ ପଠାଯିବ । ଚାଷୀମାନେ ଯେପରି ସେମାନଙ୍କର ପ୍ରାପ୍ୟ ଠିକ୍ ସମୟରେ ପାଇପାରିବେ ସେଥିପ୍ରତି ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବୈଠକରେ ଧାନ ସଂଗ୍ରହର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ବୈଠକରେ ନିଷ୍ପତି ଅନୁଯାୟୀ ଆଗାମୀ ଡିସେମ୍ବର ୭ ତାରିଖରୁ କେନ୍ଦୁଝର ଓ ଚମ୍ପୁଆ ସବ୍‌ଡିଭିଜନ୍, ଡିସେମ୍ବର ୧୫ ତାରିଖରୁ ଘଷିପୁରା ଏବଂ ଡିସେମ୍ବର ୨୦ ତାରିଖରୁ ହାଟଡିହି ଓ ଆନନ୍ଦପୁର ବ୍ଲକ୍‌ରେ ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହେବ ଏବଂ ଧାନ ସଂଗ୍ରହ ଆଗାମୀ ଅପ୍ରେଲ୍ ମାସ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଅଧିକ ସଂଖ୍ୟା ଚାଷୀ ପଞ୍ଜିକୃତ କରିଥିବାରୁ ସପ୍ତାହରେ ୩ ରୁ ୪ ଦିନ ଧାନକ୍ରୟ କରାଯିବା ପାଇଁ ସ୍ଥିରିକୃତ କରାଯାଇଛି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୪୫୬୦୨୯ କ୍ୟୁଟାଲ୍ ଧାନ କିଣିବା ପାଇଁ ଜିଲ୍ଲା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

ବାଜିରାଉତ କଲେଜରେ ରକ୍ତଦାନ ଶିବିର : ୭୭ ୟୁନିଟ ରକ୍ତ ସଂଗୃହୀତ

ଭୁବନ ,୧୭/୧୧ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ଠାରେ ୟୁଥ ରେଡକ୍ରସ ଆନୁକୂଲ୍ୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ଅଜିତ କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶିବିର କୁ ଉଦଘାଟନ କରିଥିଲେ । ୟୁଥ ରେଡକ୍ରସ ସଂଯୋଜକ ଅଧ୍ୟାପକ ପ୍ରଭାତ କୁମାର ଜେନାଙ୍କ ତତ୍ତ୍ୱାବଧାନ ଓ ପରିଚାଳନାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଅଧ୍ୟାପକ ପ୍ରଫେସର ହିମାଂଶୁ ମିଶ୍ର, ତପନ ସାହୁ, ସଂଜୟ ସାହୁ, ସୁବାସ ଚନ୍ଦ୍ର ପତି, ଅଲେଖ ପାତ୍ର, କଳ୍ପତରୁ ସାହୁ, ଅଧ୍ୟାପିକା ଡ.ଶ୍ରାବଣୀ ଅଳ୍ପନା, ସୌମ୍ୟାଶ୍ରୀ ବେହେରା, ମନସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଆଗ୍ରହୀ ଯୁବକ, ସ୍ୱେଚ୍ଛାକୃତ ରକ୍ତଦାତାମାନେ ସକାଳ ୯ ଘଟିକା ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ବହୁ ସଂଖ୍ୟାରେ ଯୋଗଦେଇ ରକ୍ତଦାନ କରି ଶିବିରକୁ ସଫଳ କରିଥିଲେ। ୟୁଥ ରେଡକ୍ରସ ୟୁନିଟର ସମସ୍ତ ସ୍ୱେଚ୍ଛାସେବୀ, ମହାବିଦ୍ୟାଳୟ କର୍ମଚାରୀ ମାନେ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ଖୋର୍ଦ୍ଧା ,୧୭/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଜିଲାପାଳଙ୍କ ସଭା ଗୃହରେ ପାଳନ କରାଯାଇଥିଲା। ଉକ୍ତ ପ୍ରେସ ଡେ, ଖୋର୍ଦ୍ଧା ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତି, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ ମୁଖ୍ୟବକ୍ତା, ନାରାୟଣ ରାଓ ମୁଖ୍ୟ ଅତିଥି ରୂପେ ମଂଚାସୀନ ହୋଇଥିଲେ। ଏହି ସଭାକୁ ଖୋର୍ଦ୍ଧା କିଛି ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳୀୟାରା ସିଂହି, ଓ କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ଖୋର୍ଦ୍ଧା ଜିଲ୍ଲା ସମସ୍ତ ସାମ୍ବାଦିକ ପ୍ରିଣ୍ଟ ଓ ବୈଦ୍ୟୁତିକ ମିଡଆ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ଖୋର୍ଦ୍ଧା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ଜେନା। ସେ ଏହି ଦିବସ ଉପରେ ସମ୍ୟକ ସୂଚନା ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ସାମ୍ବାଦିକ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ତାଙ୍କ ଭାଷଣରେ ସାମ୍ବାଦିକ, ସମ୍ବାଦପତ୍ର ଭାରତ ଓ ଓଡ଼ିଶା ଉପରେ କହିଥିବା ବେଳେ ଅନ୍ୟମାନେ ମଧ୍ୟ ତାଙ୍କ ବକ୍ତବ୍ୟ ରଖିଥିଲେ ।

ଦିବ୍ୟାଙ୍ଗ ଯୁବତୀକୁ ଦୁଷ୍କର୍ମ ଅଭିଯୋଗ

ଜୟପୁର ,୧୭/୧୧ (ନି.ପ୍ର): ଦି

ହରିୟାଣାର ପଞ୍ଚକୁଲା

ହରିୟାଣାର ପଞ୍ଚକୁଲା ଏକ ସୁନ୍ଦର ଦର୍ଶନୀୟ ସ୍ଥାନ । ସବୁଜିମା, ପାହାଡ଼ଶ୍ରେଣୀ ସହିତ ଜଳଭଣ୍ଡାର, ହ୍ରସ, କ୍ୟାକ୍‌ଟସ୍ ଗାର୍ଡେନ, ଚିଡିଆଖାନା ଓ ମନସାଦେବୀଙ୍କ ମନ୍ଦିର ପଞ୍ଚକୁଲାର ଆକର୍ଷଣୀୟ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ । ପଞ୍ଚକୁଲା, ହରିୟାଣା ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଜିଲ୍ଲା । ରାଜଧାନୀ ଚଣ୍ଡୀଗଡ଼ଠାରୁ ମାତ୍ର ୧୧ କି.ମି ଦୂରରେ ପଞ୍ଚକୁଲା ଅବସ୍ଥିତ । ସେଠାରେ ସବୁଜ ବାତାବରଣ ସହିତ ରାଜ୍ୟର ଏକ ବଡ଼ ବନ କ୍ଷେତ୍ର ରହିଛି । ଏହି ସହର ପାହାଡ଼ୀ ଆକର୍ଷଣ ଯୋଗୁଁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ପର୍ଯ୍ୟଟକମାନେ ରାଜ୍ୟର ସୀମାରେ ଥିବା ପାହାଡ଼ୀ ଶୃଙ୍ଖଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ଆସିଥାନ୍ତି । ଏହା ବ୍ୟତୀତ ପାଞ୍ଚଟି ଧାରା ଯୋଗୁଁ ମଧ୍ୟ ପ୍ରସିଦ୍ଧ ଯାହା ରାଜ୍ୟ ପାଇଁ ଜଳପୁର୍ତ୍ତିର କାମ କରିଥାଏ । ଶିବାଲିକ ପାହାଡ଼ରୁ ଆରମ୍ଭ କରି ପ୍ରାଚୀନ ମନ୍ଦିର ସହିତ ଏହି ସହର ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି କହିବାକୁ ହେବ । ଆସନ୍ତୁ ଜାଣିବା ପଞ୍ଚକୁଲାର କେତେକ ଦର୍ଶନୀୟ ସ୍ଥାନ ସମ୍ପର୍କରେ ।

ମନସା ଦେବୀ ମନ୍ଦିର:

ମା' ମନସା ଦେବୀଙ୍କ ଦର୍ଶନରୁ ପର୍ଯ୍ୟଟକମାନେ ପଞ୍ଚକୁଲା ଭ୍ରମଣ ଆରମ୍ଭ କରିପାରିବେ । ଏହି ମନ୍ଦିର ରାଜ୍ୟର ସବୁଠାରୁ ଲୋକପ୍ରିୟ ସ୍ଥାନ ମଧ୍ୟରୁ ଅନ୍ୟତମ । ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁ ସେଠାକୁ ଯାଇଥାନ୍ତି ।

ତଥ୍ୟ ଅନୁସାରେ ଏହି ମନ୍ଦିର ୨୦୨୦ ବର୍ଷର ପୁରୁଣା । ଭାରତର କୋଡୋଟି ପୁରାତନ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ । ଏହି ବିଶାଳ ମନ୍ଦିରରେ ହିନ୍ଦୁ ଓ ମୋଗଲ ବାସ୍ତୁକଳାର ଅଦ୍ଭୁତ ମିଳନ ଦେଖିବାକୁ ମିଳେ । କୁହାଯାଏ ଯେ ଏହି ମନ୍ଦିର କେବେ ପଞ୍ଚକୁଲାର ମହାରାଜାଙ୍କ ପୂଜା ସ୍ଥଳ ଥିଲା । ନବରାତ୍ରୀ ସମୟରେ ସେଠାରେ ଭକ୍ତମାନଙ୍କର ଭିଡ଼ ଜମେ ।

କ୍ୟାକ୍‌ଟସ୍ ଗାର୍ଡେନ:

ଧାର୍ମିକ ସ୍ଥଳ ବ୍ୟତୀତ ପର୍ଯ୍ୟଟକମାନେ ସେଠାରେ ଲୋକପ୍ରିୟ ପ୍ରାକୃତିକ ସ୍ଥଳର ଭ୍ରମଣ କରିବାର ପ୍ଲାନ କରିବା ଉଚିତ୍ । ଏହି ଦର୍ଶନୀୟ ସ୍ଥଳରେ କ୍ୟାକ୍‌ଟସ୍ ପ୍ଲାଣ୍ଟର ଦୁର୍ଲଭ ପ୍ରଜାତି ଦେଖିବାକୁ ମିଳେ । ଏହା ଏସିଆର ସବୁଠାରୁ ବଡ଼ କ୍ୟାକ୍‌ଟସ୍ ଗାର୍ଡେନ । ଏହି ଗାର୍ଡେନର ସ୍ଥାପନା ଡ.ଜେ ସରକାରିଆଙ୍କ ଦ୍ୱାରା କ୍ୟାକ୍‌ଟସ୍‌ର ଦୁର୍ଲଭ ପ୍ରଜାତିଗୁଡ଼ିକୁ ରକ୍ଷା କରିବା ପାଇଁ କରାଯାଇଥିଲା । ସେଠାରେ କ୍ୟାକ୍‌ଟସ୍‌ର ୨୬୦୦ ପ୍ରଜାତି ଦେଖିପାରିବେ । ବାର୍ଷିକ କ୍ୟାକ୍‌ଟସ୍ ମେଳା ସେଠାରେ ଅନୁଷ୍ଠିତ ହୁଏ ।



ଛତବୀର କୁ:

ପଞ୍ଚକୁଲାର ରୋମାଞ୍ଚକ ଅନୁଭବ ନେବା ପାଇଁ ପର୍ଯ୍ୟଟକମାନେ ସେଠାରେ ଥିବା ଛତବୀର କୁ ଦେଖିବାକୁ ପ୍ଲାନ କରିଥାନ୍ତି । କିନ୍ତୁ ସହରର ଆଖପାଖରେ ଥିବା ଲୋକମାନେ ସେଠାକୁ ଅଧିକ ମାତ୍ରାରେ ଆସିଥାନ୍ତି । ଉତ୍ତର ଭାରତର ଏହା ଏକ ବଡ଼ ବନ୍ୟଜୀବ ଆରକ୍ଷଣ କ୍ଷେତ୍ର । ସେଠାରେ ୧୧୦ ପ୍ରଜାତିର ବନ୍ୟପ୍ରାଣୀ ଅଛନ୍ତି । ୫୦୦ ଏକର ଜମିରେ ହୋଇଥିବା ଏହି ପ୍ରକୃତିପ୍ରେମୀ ଓ ବନ୍ୟଜୀବ ଉତ୍ସାହୀ ପର୍ଯ୍ୟଟକମାନଙ୍କ ପାଇଁ ସ୍ୱର୍ଗଠାରୁ କମ୍ ନୁହେଁ । ସେଠାରେ ସିଂହ ସଫାରୀର ରୋମାଞ୍ଚକ ଆନନ୍ଦ ନେଇପାରିବେ ।



ସୁଖନା ହ୍ରଦ:

ପଞ୍ଚକୁଲାର ଶିବାଲିକ ପର୍ବତ ଶୃଙ୍ଖଳାରେ ଅବସ୍ଥିତ ସୁଖନା ହ୍ରଦ ଏକ ସୁରମ୍ୟ ସ୍ଥାନ । ଏହି ମାନବ ନିର୍ମିତ ହ୍ରଦ ୩.କି.ମି ପର୍ଯ୍ୟନ୍ତ ବ୍ୟାପିଛି । ୧୯୫୮ ରେ ଶିବାଲିକ ପାହାଡ଼ ତଳକୁ ଆସୁଥିବା ପାଣିରେ ବନ୍ଧ କରାଯାଇଛି । ଏହି ହ୍ରଦକୁ ଦେଖିବା ପାଇଁ ଦୂରରୁ ଲୋକମାନେ ଆସିଥାନ୍ତି । ଏହାବ୍ୟତୀତ ସେଠାରେ ଅନ୍ୟ କେତେକ ପାର୍କ, ଫନ୍ ସିଟି, ଆର୍ଯ୍ୟ ସମାଜ ମନ୍ଦିର, ସିଟି ଫାଉଣ୍ଟେନ ବଗିଚା, ଗୀତା, ମନ୍ଦିର, ଗୌରୀଶଙ୍କର ବଗିଚା ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି ।

ବିନା ରକ୍ତ ନମୁନା ପରୀକ୍ଷାରେ ଜାଣିହେବ ରକ୍ତ ଶୂନ୍ୟତା ଓ ରକ୍ତ ସର୍କରା ସ୍ଥିତି

ଏଣିକି ବିନା ରକ୍ତ ନମୁନା ପରୀକ୍ଷାରେ ଜାଣିହେବ ରକ୍ତ ଶୂନତା ଓ ରକ୍ତ ସର୍କରା ସ୍ଥିତି । କେବଳ ସେତିକି ନୁହେଁ, ଫୁସଫୁସ୍ ଓ ବୃକକ୍‌ରେ ଥିବା ସମସ୍ୟା ମଧ୍ୟ ଜଣାପଡ଼ିବ । ତାହା ପୁଣି ୧ମିନିଟ୍‌ରୁ କମ୍ ସମୟ ଭିତରେ । ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆରମ୍ଭ ହୋଇଥିବା ନୂତନ ଷ୍ଟାର୍ଟଅପ୍ ଏହି ଅଭିନବ ଜ୍ଞାନକୌଶଳର ବିକାଶ କରିଛନ୍ତି । ଇଜି-ଆରଏକ୍ସ ନାମକ ଯନ୍ତ୍ରପାତି ଶିଳ୍ପସଂସ୍ଥା ଏହାକୁ ବଜାରରେ ଉପଲବ୍ଧ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଯାହାକି ବେଶ୍ ଶସ୍ତା ଓ ସହଜରେ ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି । ଏହାଦ୍ୱାରା କୋଭିଡ୍ ମହାମାରୀ ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟେଙ୍ଗର ଅସ୍ୱାଭାବିକତା ଓ କାମ କରିବା ଭଳି ସ୍ଥିତିରେ ତ୍ୱରିତ ଆକଳନ କରିହେବ ।

ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହିଭଳି ଅନେକ ଷ୍ଟାର୍ଟଅପ୍ ନିଜ ନିଜର ସ୍ୱତନ୍ତ୍ର ଉତ୍ପାଦ ବିକଶିତ କରିଛନ୍ତି । ଏସବୁ ଉତ୍ପାଦ ଏବେ ସମସ୍ତଙ୍କ ନଜରରେ ରହିଛି । ମାକ୍‌ଫି ସଲ୍ୟୁସନ୍ ପ୍ରା.ଲିଃ ସଂସ୍ଥା କରୋନା ଟିକାକୁ ସହଜ ଓ ନିରାପଦରେ ପରିବହନ କରିବା ପାଇଁ ବିଯୁକ୍ତ ତାପମାତ୍ରାରେ ପରିବହନ ଓ ସଂରକ୍ଷଣ ପାଇଁ ବାୟୋସିୟୋର ନାମକ ଏକ ଉପକରଣ ନିର୍ମାଣ କରିଛି । ଏହା ସାହାଯ୍ୟରେ ଘରକୁ ଘର ବୁଲି ଟିକାଦାନ ପ୍ରକ୍ରିୟାକୁ ସହଜରେ ପରିଚାଳନା କରାଯାଇ ପାରିବ । ବିଶେଷକରି ଅଗମ୍ୟ ଓ ଦୂରଦୂରାନ୍ତ ଅଞ୍ଚଳରେ ଏହା ସହାୟକ ହୋଇପାରିବ । ଆଇସିଏମ୍‌ଆରକୁ ଏହାର ମୂଲ୍ୟାଙ୍କନ କରିବା ଲାଗି ସଂସ୍ଥା ପକ୍ଷରୁ ଆବେଦନ କରାଯାଇଛି । ମେଡ-ଟେଲ୍ ହେଲଥ୍‌କେୟାର ନାମକ ସଂସ୍ଥା ଦୂରରେ ଥିବା ରୋଗୀଙ୍କୁ ଡାକ୍ତରୀ ପରାମର୍ଶ ଉପଲବ୍ଧ କରିବାରେ ସାହାଯ୍ୟ କରିପାରୁଛି । ଅତି ଜରୁରୀ ସମୟରେ ଡାକ୍ତରଙ୍କ ପାଖକୁ ବ୍ୟକ୍ତିଗତ ଭାବେ ରୋଗୀ ନ ଯାଇ ଡାକ୍ତରୀ ସେବା ପାଇବାରେ ଏହି ପଦ୍ଧତି ସଫଳତାର ସହ କାର୍ଯ୍ୟ କରିପାରୁଛି । ଦେଶ ବାହାରର ଅନେକ ସଂସ୍ଥା ଏହାର ଉତ୍ପାଦନ ପାଇଁ ଆଗଭର ଥିବା ରିପୋର୍ଟରେ ଦର୍ଶାଯାଇଛି । ସେହିପରି ଏକ ମେଡି-କିଟ୍ ଶରୀରରେ ତ୍ୱରିତ ଆଣ୍ଠିବଡି ମାପିବାରେ ସଫଳ ହୋଇପାରୁଛି । ଆଇସିଏମ୍‌ଆର ଏହାକୁ ୯୨ ପ୍ରତିଶତ ସଫଳ ହେଉଥିବା ପ୍ରମାଣପତ୍ର ପ୍ରଦାନ କରିଛି । ଏହା ସାର୍ସ-କୋଭିଡ-୨କୁ ଚିହ୍ନଟ କରିପାରିବା

ସହିତ ଲକ୍ଷଣବିହୀନ ଲୋକଙ୍କ ଶରୀରରେ ସେରୋ ସଂକ୍ରମଣ ସଂପର୍କରେ ତଥ୍ୟ ପ୍ରଦାନ କରିପାରିବାର କ୍ଷମତା ରଖୁଛି । 'ସ୍ୱସ୍ଥ' ନାମକ ଏକ କୋଭିଡ୍ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ଏକ ଟେକ୍ ଷ୍ଟାର୍ଟଅପ୍ ବିକାଶିତ କରାଯାଇଛି । ଏହର ଜିଲ୍ଲା ପ୍ରଶାସନ, ପୌର ପରିଷଦ ପ୍ରଭୃତିଙ୍କୁ କୋଭିଡ୍ ପରିଚାଳନାରେ ଉପାଦେୟ ହୋଇପାରିବ । ଏହାର ପ୍ରୟୋଗରେ ଡାକ୍ତରଖାନାରେ ସିଟ୍, ରେଫରାଲ, ଅମ୍ଳଜାନ ଉପଲବ୍ଧ ପ୍ରଭୃତି ସମ୍ବନ୍ଧରେ ଉପଯୁକ୍ତ ବିବରଣୀ ରୋଗୀମାନେ ପାଇପାରିବେ । ଅନ୍ୟ ଏକ ସଂସ୍ଥା ଆରଟି-ପିସିଆ ଓ ଡିଏନ୍‌ଏ ପରୀକ୍ଷା ପାଇଁ ଉପକରଣ ନିର୍ମାଣ କରିଛନ୍ତି । କୋଭିଡ୍‌ର ଦ୍ୱିତୀୟ ଲହରିରେ ଏହା ପ୍ରାୟ ୧ଲକ୍ଷ ଲୋକଙ୍କ ପରୀକ୍ଷା କରି ସଫଳତା ହାସଲ କରିଛି । ଏହିସବୁ ଷ୍ଟାର୍ଟଅପ୍ ରାଜ୍ୟରେ ତାଙ୍କର ଉତ୍ପାଦନ ଆରମ୍ଭ କରିଛନ୍ତି । ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଅଧୀନରେ ଏସବୁ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛନ୍ତି । ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ ପାର୍କ, ଶିଳ୍ପାଞ୍ଚଳ ପ୍ରଭୃତି ସୃଷ୍ଟି କରାଯାଇଛି । ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ନିୟମିତ ଭାବେ ସମୀକ୍ଷା ବୈଠକ ଆୟୋଜନ କରାଯିବା ସହିତ ଉଦ୍ୟୋଗ ପ୍ରତିଷ୍ଠାକୁ ନେଇ ଉପୁଜିଥିବା ସମସ୍ୟା ଗୁଡ଼ିକର ସମାଧାନ କରାଯାଉଥିବା ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି ।

ଘନ କେଶ ପାଇଁ ଉପକାରୀ ଅଦା

କେଶକୁ ଘନ ଓ ଲମ୍ବା କରିବା ପାଇଁ ଆପଣ ଅନେକ ଉପଚାର କରିଥା'ନ୍ତି । ଅଦା କେଶ ପାଇଁ ଏକ ଆୟୁର୍ବେଦିକ ଉପଚାର ଭାବରେ କାର୍ଯ୍ୟ କରିଥାଏ । ଅଦାରେ ଥିବା ମ୍ୟାଗ୍ନେସିୟମ୍, ପୋଟାଟିୟମ୍, ଫସଫରସ୍ ଓ ଭିଟାମିନ୍ କେଶ ଝଡ଼ିବା ବନ୍ଦ କରିଥାଏ ।

ଅଦା ଏକ ନାଚୁରାଲ୍ କଣ୍ଡିସନର ହୋଇଥିବାରୁ ଏହା କେଶର ରୁକ୍ଷପଣ ଦୂର କରି କେଶ ମୂଳରେ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ । ତେବେ ଆସନ୍ତୁ ଜାଣିବା କେଶକୁ ଲମ୍ବା ଓ ମଜବୁତ୍ କରିବା ପାଇଁ ଅଦାକୁ କିପରି ବ୍ୟବହାର କରିବେ ।

୧. ବଜାରରେ ମିଳୁଥିବା ଜିଞ୍ଜର ଅଏଲ୍ କେଶରେ ଲଗାନ୍ତୁ । ନଚେତ୍ ନିଜେ ଘରେ ପ୍ରସ୍ତୁତ କରନ୍ତୁ । ଏଥିପାଇଁ ପ୍ରଥମ ଗୋଟିଏ ଚାମଚ ଘିଅରେ ଜୋଜୋବା ଅଏଲ୍, ଅଲିଭ୍ ଅଏଲ୍ ଓ ଅଦା ରସ ମିଶାନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ମୁଣ୍ଡରେ ମାଲିସ କରନ୍ତୁ । ୩୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ସପ୍ତାହକୁ ଏପରି ଦୁଇ ଥର କରନ୍ତୁ । ଦେଖିବେ କେଶ ମୋଟା ହେବା ସହ ଝଡ଼ିବା ବନ୍ଦ ହେବ ।

୨. ଅଦା ଓ ଲେମ୍ବୁ ରସ ମଧ୍ୟ କେଶ ପାଇଁ ବ୍ୟବହାର କରିପାରିବେ । ୨ ଚାମଚ ଅଦା ରସରେ ୩ ଚାମଚ ରାଶି ତେଲ ଓ ଅଧା ଚାମଚ ଲେମ୍ବୁ ରସ ମିଶାନ୍ତୁ । ଏହି ମିଶ୍ରଣକୁ କେଶ ମୂଳରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ଏହାପରେ ଶାମ୍ପୁ କରିନିଅନ୍ତୁ । ଏହା ଦ୍ୱାରା ରୁପି ଦୂର ହେବ । ସପ୍ତାହକୁ ତିନିଥର ଏହି ମିଶ୍ରଣକୁ ଲଗାଇପାରିବେ ।

୩. କେଶ ପତଳା ଥିଲେ ଅଦା ଓ ପିଆଜ ରସ ଲଗାନ୍ତୁ । ପ୍ରଥମେ ୨ ଚାମଚ ଅଦା ରସରେ ୧ ଚାମଚ ପିଆଜ ରସ ମିଶାନ୍ତୁ । ଏହି ରସକୁ କେଶ ମୂଳରେ ୨୦ ମିନିଟ୍ ଲଗାଇ ରଖିବା ପରେ ଧୋଇ ନିଅନ୍ତୁ । ସପ୍ତାହକୁ ଏପରି ଦୁଇରୁ ତିନିଥର କଲେ କେଶ ମୋଟା ହେବ ।

ଅଧିକ ଫେସିଆଲ୍ କରୁଛନ୍ତି କି ? : ରୁହନ୍ତୁ ସାବଧାନ

ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିବା ପାଇଁ ମହିଳାମାନେ ପାର୍ଲରରେ ଫେସିଆଲ୍ କରିଥା'ନ୍ତି । ଫେସିଆଲ୍ କଲେ ମୁହଁର ଗ୍ଲୋ ବଢ଼ିଥାଏ । କିନ୍ତୁ କ'ଣ ଆପଣ ଜାଣିଛନ୍ତି କି, ଅଧିକ ଫେସିଆଲ୍ କଲେ ଆପଣଙ୍କ ତ୍ୱଚା ଖରାପ ହୋଇପାରେ । ତା'ହେଲେ ଆସନ୍ତୁ ଜାଣିବା ଆବଶ୍ୟକତାଠାରୁ ଅଧିକ ଫେସିଆଲ୍ କଲେ ତ୍ୱଚାକୁ କେଉଁସବୁ କ୍ଷତି ପହଞ୍ଚିଥାଏ ।

♦ ଫେସିଆଲ୍ ସମୟରେ ଅନେକ ପ୍ରକାରର କେମିକାଲ୍ ଥିବା କ୍ରୀମ୍ ବ୍ୟବହାର କରାଯାଇଥାଏ । ଏହି କ୍ରୀମ ସମସ୍ତଙ୍କ ମୁହଁକୁ ସୁଟ୍ କରି ନଥାଏ । ଏଥିପାଇଁ ମୁହଁ କୁଣ୍ଡାଇ ହେବା ପରି ସମସ୍ୟା ସୃଷ୍ଟି ହୋଇଥାଏ ।

♦ ଫେସିଆଲ୍ ସମୟରେ ମୁହଁକୁ ସ୍କ୍ରବ୍ ଦ୍ୱାରା ମସାଜ୍ କରାଯାଇଥାଏ । ଭୁଲ୍ ମସାଜ୍ ଯୋଗୁଁ ମୁହଁ ଲାଲ୍ ମଧ୍ୟ ପଡ଼ିଥାଏ । ଏଥିରୁ ସ୍କିନ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ ।

♦ ଫେସିଆଲ୍ ପରେ ମୁହଁରେ ଥିବା ରୋମ ଛିଦ୍ର ଖୋଲି ଯାଇଥାଏ । ଏପରିକି ତେଲିଆ ତ୍ୱଚା ଥିବା ମହିଳାଙ୍କର ଫେସିଆଲ୍ ପରେ ବ୍ରଣ ହେବା ଏକ ସାଧାରଣ କଥା । ତେଣୁ ତେଲିଆ ତ୍ୱଚା ଥିବା ମହିଳା ଫେସିଆଲ୍ କମ୍ କରନ୍ତୁ । ଯଦି ପାରୁଛନ୍ତି ଘରୋଇ ଉପଚାର ମାଧ୍ୟମରେ ତ୍ୱଚାର ଯତ୍ନ ନିଅନ୍ତୁ ।

♦ ସେହିପରି ଫେସିଆଲ୍ ସମୟରେ ମୁହଁରେ ବ୍ୟବହୃତ ହେଉଥିବା ପ୍ରଡକ୍ଟ ଯୋଗୁଁ ଆଲର୍ଜିର ଆଶଙ୍କା ମଧ୍ୟ ବଢ଼ିଥାଏ । ଅଧିକ ଫେସିଆଲ୍ , କଲେ ଆପଣଙ୍କ ତ୍ୱଚା ଶୁଷ୍କ ହୋଇଥାଏ । ସେଥିପାଇଁ ଫେସିଆଲ୍ କରିବା ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିୟମିତ ବ୍ୟବଧାନରେ ଫେସିଆଲ୍ କରନ୍ତୁ ।

କେଉଁଥିରୁ କେତେ କାଲୋରି

ସାଧାରଣ ଭାବେ ୧୦୦ଗ୍ରାମ ଓଜନର କେଉଁ ଖାଦ୍ୟରୁ ଶରୀର କେତେ କାଲୋରି ପାଏ ଜାଣନ୍ତୁ । ଭାତରୁ ୧୧୮ କାଲୋରି, ସମ୍ବର- ଭାତରୁ ୮୪ କାଲୋରି ଓ ଦହି-ଭାତରୁ ୮୭ କାଲୋରି, ମିଠା କାନିକାରୁ ୨୪୪ କାଲୋରି, ଏଣ୍ଡୁରି ପିଠାରୁ ୯୬ କାଲୋରି, ସାଧା ଦୋସାରୁ ୨୧୬ କାଲୋରି, ମସଲା ଦୋସାରୁ ୨୧୨ କାଲୋରି, ଉପମାରୁ ୧୧୮ କାଲୋରି, ଅଟା ରୁଟିରୁ ୩୩୯ କାଲୋରି, ପୁରିରୁ ୪୨୫ କାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କାଲୋରି, ବୁଟଡାଲିରୁ ୧୮୮ କାଲୋରି, ମୁଗ ଡାଲିରୁ ୧୨୦ କାଲୋରି, ହରଡ଼ ଡାଲିରୁ ୧୧୫ କାଲୋରି, କଫିରୁ ୫୨ କାଲୋରି, ଚାହାରୁ ୩୬ କାଲୋରି, ଗୋ- ଦୁଗ୍ଧରୁ ୬୫ କାଲୋରି, ମଇଁଷି ଖିରରୁ ୧୦୮ କାଲୋରି, ଓମଲେଟରୁ ୧୯୭ କାଲୋରି, ମାଂସ ତରକାରିରୁ ୧୭୨ କାଲୋରି, ମାଂସ କଷାରୁ ୨୩୯ କାଲୋରି, ଭଜା ମାଛରୁ ୨୨୦ କାଲୋରି ଓ ବିରିୟାନୀରୁ ୨୦୧ କାଲୋରି ମିଳେ ।

ହୃଦରୋଗୀଙ୍କ ପାଇଁ ହିତକର ମେଥି ଶାଗ

ସାଧାରଣତଃ ମେଥି ଶାଗ ବଜାରରେ ଭରପୁର ମାତ୍ରାରେ ମିଳେ । ମେଥି ଶାଗକୁ ପ୍ରତି ଘରେ ଖାଦ୍ୟ ରୂପେ ବ୍ୟବହାର କରାଯଏ । କିଛି କିଛି ଲୋକେ ମେଥି ପରଟା କରି ଖାଇବା ପାଇଁ ମଧ୍ୟ ପସନ୍ଦ କରିଥାନ୍ତି । ମେଥି ମଞ୍ଜି ଭଳି ମେଥି ଶାଗ ମଧ୍ୟ ଶରୀର ପାଇଁ ବେଶ ଲାଭଦାୟକ । ଆପଣ ଚାହିଁଲେ ଏହାକୁ ନିଜ ଡଏଟରେ ସାମିଲ କରିପାରିବେ । ତେବେ ମେଥି ଶାଗ ଖାଇବା ଦ୍ୱାରା କ'ଣ ସବୁ ଲାଭ ମିଳେ ଆସନ୍ତୁ ଜାଣିବା । ମଧୁମେହ ରୋଗୀ ତଥା ଡାଇବେଟିସ ରୋଗୀଙ୍କ ପାଇଁ ମେଥି ଶାଗ ବେଶ ଉପକାରୀ । ଟାଇପ-୧ ଓ ଟାଇପ-୨ ଉଭୟ ଡାଇବେଟିସ ରୋଗୀଙ୍କ ପାଇଁ ଏହା ହିତକର । ମେଥି ଶରୀରରେ ଇନସୁଲିନର ମାତ୍ରା ନିୟନ୍ତ୍ରଣ ରଖିଥାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିରେ ଥିବା ଫାଇଭର ପାଚନ କ୍ରିୟାକୁ ସୁସ୍ଥ ରଖିବାରେ କାମ କରେ । କୋଲେଷ୍ଟ୍ରୋଲ କମ କରିଥାଏ ମେଥି ଶାଗ । ଏଥିସହ ଯକୃତରେ ସୃଷ୍ଟି ହେଉଥିବା କୋଲେଷ୍ଟ୍ରୋଲକୁ ମଧ୍ୟ ଅଟକାଇଥାଏ । ଆଥେରୋସ୍କ୍ଲେରୋସିସ୍ ରୋଗୀଙ୍କ ପାଇଁ ମେଥି ଶାଗ ବହୁତ ଲାଭଦାୟକ ଅଟେ । ଶରୀରରେ ଖରାପ କୋଲେଷ୍ଟ୍ରୋଲ କମ କରିବାରେ ମେଥି ଶାଗ ସାହାଯ୍ୟ କରେ । ଛୋଟ ଶିଶୁଙ୍କର ବିକାଶ ପାଇଁ ମା' କ୍ଷୀର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

କୋଳାକୋଳି...

କୂଟନୀତି ତା' ଭିତରେ ସବୁବେଳେ ନିଜକୁ ପ୍ରଦର୍ଶନ କରିବାର କଳାଟିଏର ଉପାଦାନକୁ ବହନ କରିଥାଏ । କିନ୍ତୁ ସୋମବାର ଦିନ ଚୀନ୍‌ର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଏବଂ ତାଙ୍କର ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିପକ୍ଷ ଜୋ ବାଇଡେଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ଦୁଇ ମହାଶକ୍ତିର ନେତାଙ୍କ ମଧ୍ୟରେ ଭେଟ ହେଲେ ପ୍ରାୟତଃ ଯାହା ସବୁ ଘଟିଥାଏ, ତା' ଅପେକ୍ଷା ଅଧିକ କୁଣ୍ଠିତ ବାର୍ତ୍ତାଳାପକୁ ବହନ କରିଥିଲା ଭଳି ମନେହୁଏ । ବିଶ୍ୱ ପାଇଁ ଏହା ଖୁବ୍ ଭଲ ଚୀନ୍ ଏବଂ ଆମେରିକା ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱରେ ଦୁଇ ବୃହତ୍ ଅର୍ଥନୀତି ଏବଂ ସାମରିକ ଶକ୍ତିର ଅଧିକାରୀ ଭାବରେ ଖ୍ୟାତ । ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଏବଂ ଜି ଜିନ୍‌ପିଙ୍ଗ୍ ଅଭୂତପୂର୍ବ ଭାବରେ ତୃତୀୟ ଥର ପାଇଁ ଚାଇନିଜ୍ କମ୍ୟୁନିଷ୍ଟ ପାର୍ଟିର ନେତା ଭାବରେ ଅଭିଷିକ୍ତ ହେବା ପରେ ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ସାମନାସାମନି ତିନି ଘଣ୍ଟା ପର୍ଯ୍ୟନ୍ତ ଆଲୋଚନା ହେବା କିଛି କମ୍ କଥା ନୁହେଁ । ଆମେରିକା ସରକାରଙ୍କ କହିବା ଅନୁସାରେ, ସେମାନଙ୍କର ଏହି ବାର୍ତ୍ତାଳାପ କାଳରେ ୱାଶିଂଟନ୍ ବେକିଂ ସହିତ ଅଧିକ ଜୋରରେ ପ୍ରତିଯୋଗିତା କରିବାକୁ ବଜାୟ ରଖିବ ଏବଂ ଚୀନ ମାନବିକ ଅଧିକାର ରେକର୍ଡ ଉପରେ ତାଙ୍କର କ୍ଷୋଭ ରହିଥିବା କଥା ବାଇଡେନ୍ ଜିଙ୍କୁ ସ୍ପଷ୍ଟ ଭାବରେ ସୁଚାଇ ଦେଇଥିଲେ । ସେହିଭଳି ମଧ୍ୟ ସେମାନଙ୍କ ଦୁଇ ରାଷ୍ଟ୍ର ମଧ୍ୟରେ ସାମ୍ପ୍ରତିକ ସମୟର ଉତ୍ତେଜନା ଦ୍ୱାରା ପରିଚିହ୍ନିତ ଦ୍ୱିପାକ୍ଷିକ ସମ୍ପର୍କ ଆମେରିକା ହେଉ କି ଚୀନ୍, କାହାର ହେଲେ ହିତ ସାଧନ କରିବ ନାହିଁ ବୋଲି ଗୁରୁତ୍ୱାରୋପ କରିଥିଲେ । ଏଣୁ ସଙ୍ଗେ ସଙ୍ଗେ ଦୁଇ ନେତା ଜଳବାୟୁ ପରିବର୍ତ୍ତନ ଭଳି ଅନ୍ତଃରାଷ୍ଟ୍ରୀୟ ଆନଗୁଡ଼ିକର ମୁକାବିଲା ନିମନ୍ତେ ପରସ୍ପର ସହିତ ସହଯୋଗ କରିବାର ଆବଶ୍ୟକତା ରହିଥିବା ନେଇ ସହମତ ହୋଇଥିଲେ, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯେହେତୁ ସେମାନଙ୍କର ରାଷ୍ଟ୍ର ଦ୍ୱୟ ହିଁ ସର୍ବାଧିକ ପ୍ରଦୂଷଣକାରୀ ରାଷ୍ଟ୍ର ଭାବରେ ପରିଚିତ । ଏତଦ୍ ବ୍ୟତୀତ ଆଣବିକ ଅସ୍ତ୍ରର ବ୍ୟବହାର ବିରୁଦ୍ଧରେ ସେମାନେ ନିଜ ନିଜର ସ୍ପଷ୍ଟ ମତ ଉପସ୍ଥାପନ କରିଥିଲେ, ଯାହାକୁ ରୁଷିଆର ରାଷ୍ଟ୍ରପତି କ୍ଲାଦିମିର ପୁତିନ୍ ଅବଶ୍ୟ ଶୁଣିବା ଆବଶ୍ୟକ, କାରଣ ରୁଷୀୟ ରାଷ୍ଟ୍ରପତି ପ୍ରଚ୍ଛନ୍ନ ଧମକ ଦେଉଛନ୍ତି ଯେ ୟୁକ୍ରେନ୍ ସହିତ ଯୁଦ୍ଧ ସମୟରେ ସେ ଯଦି ଅଧିକ ବିପଦରେ ପଡ଼ିବାକୁ ଯାଉଛନ୍ତି ବୋଲି ଅନୁଭବ କରନ୍ତି, ତା' ହେଲେ ତାଙ୍କର ଯୁଦ୍ଧାସ୍ତ୍ର ଭିତରେ ଯାହାସବୁ ରହିଛି, ଏମିତିକି ପରମାଣୁ ଅସ୍ତ୍ର ସମେତ- ତାକୁ ସେ ବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେବେନାହିଁ । ତେବେ ଏସବୁ ଭିତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୁଇ ବୃହତ୍ ଅର୍ଥନୀତିର ନେତା ସେମାନଙ୍କ ମଧ୍ୟରେ ବାର୍ତ୍ତାଳାପର ଧାରାକୁ ଉନ୍ମୁକ୍ତ ରଖିବାକୁ ରାଜି ହୋଇଥିଲେ ଆଉ ଭୁଲ୍ ବୁଝାମଣାକୁ ଏଡ଼ାଇବା ନିମନ୍ତେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେହେତୁ ଶୀତଳ ଯୁଦ୍ଧ ସମୟରେ ଆମେରିକା ଏବଂ ରୁଷିଆ ମଧ୍ୟରେ ଦ୍ୱିପାକ୍ଷିକ ବାର୍ତ୍ତାଳାପର ଅଭାବରେ ପରିସ୍ଥିତି ସବୁବେଳେ ଉତ୍ତେଜନାପୂର୍ଣ୍ଣ ରହୁଥିବା ଦେଖୁବାକୁ ମିଳୁଥିଲା । ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚୀନ୍ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଦୀର୍ଘ ବର୍ଷ ହେବ ପରସରକୁ । ଭଲ ଭାବରେ ଜାଣିଛନ୍ତି । ବର୍ତ୍ତମାନ ସମୟରେ ସେମାନଙ୍କର ଏହି ସମ୍ପର୍କ ସମ୍ଭବତଃ ବ୍ୟକ୍ତିଗତ ସ୍ତରର ମତ ପାର୍ଥକ୍ୟକୁ ହ୍ରାସ କରିବାରେ ସହାୟକ ହୋଇଛି ସେମାନଙ୍କ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହେବା ପରେ ଉଭୟ ପକ୍ଷ ତିକ୍ତତାପୂର୍ଣ୍ଣ ତାପମାତ୍ରାକୁ କମାଇବାକୁ ଉଦ୍ୟମ କରିଛନ୍ତି । ବାଇଡେନ୍ କହିଛନ୍ତି ଯେ ଆଉ ଏକ ଶୀତଳ ଯୁଦ୍ଧର ଆଶଙ୍କା ରହିଥିବାରେ ସେ ବିଶ୍ୱାସ କରନ୍ତି ନାହିଁ, ଯେତେବେଳେ କି ଚୀନ୍ ପକ୍ଷ ଉଭୟ ନେତାଙ୍କ ବୈଠକକୁ ନିଷ୍କପଟ ଓ ଗଠନମୂଳକ ଥିବା କହିଛି ପରନ୍ତୁ, ବାର୍ତ୍ତାଳାପ କାଳରେ କୌଣସି ନେତା ସେମାନଙ୍କ ମଧ୍ୟରେ ରହିଥିବା ଅସହମତିର ବହୁବିଧ କ୍ଷେତ୍ରଗୁଡ଼ିକ- ବାଣିଜ୍ୟ ବ୍ୟବସାୟ, ସ୍ୱଶାସିତ ତାଇୱାନ୍, ଚୀନ୍‌କୁ ଉନ୍ନତ ଧରଣର ସେମିକଣ୍ଡକ୍ଟରଗୁଡ଼ିକ ଭଳି ଉଚ୍ଚ ମାନର ବୈଷୟିକ । ଉପକରଣଗୁଡ଼ିକର ରପ୍ତାନୀ ଉପରେ ଆମେରିକା କଟକଣା ଜାରି କରିବା, ବୈଶ୍ୱିକ ଋଣ ଏବଂ ଛୋଟ ଛୋଟ ରାଷ୍ଟ୍ରମାନଙ୍କ ପାଇଁ ସୁଧର ହାର ଅଧିକ ହେଉଥିବା ଭଳି ଆର୍ଥିକ ପ୍ରସଙ୍ଗ ସମୂହ, ମହାମାରୀ, ଜଳବାୟୁ ପରିବର୍ତ୍ତନ । ସମ୍ପର୍କୀୟ ବୁଝାମଣା ଏବଂ ମାନବିକ ଅଧିକାରର ସମାଧାନ କରିବା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବା ସମ୍ବନ୍ଧିତ କଥା ଉଠାଇ ନଥିଲେ । ତେଣୁ ଏହି ଦୁଇ ନେତାଙ୍କ ମଧ୍ୟରେ ଯେତେ ସୌହାର୍ଦ୍ଦିପୂର୍ଣ୍ଣ ବାର୍ତ୍ତାଳାପ ହେଲେ ସୁଦ୍ଧା ସତ୍ୟ ହେଉଛି- ଉଭୟ ପରସ୍ପର ଉପରେ ଆର୍ଥିକ ନିର୍ଭରଶୀଳତାଠାରୁ ଦୂରେଇ ଯାଉଛନ୍ତି, ଯାହା ସେମାନଙ୍କୁ ଏକାଠି କାମ କରିବା ନିମନ୍ତେ ବାଧ୍ୟ କରିଛି । ନିକଟରେ ଚୀନ ସେମିକଣ୍ଡକ୍ଟର ଉଦ୍ୟୋଗକୁ ସ୍ଥାଣୁ କରିଦେବା ଉଦ୍ଦେଶ୍ୟରେ ବାଇଡେନ୍ ଯନ୍ତ୍ରପାତି ନ । ଯୋଗାଇବା ଉପରେ କଡ଼ା କଟକଣା ଜାରି କରିଛନ୍ତି ଏବଂ ଏକଥା ବାରମ୍ବାର ସୂଚାଇ ଦେଇଛନ୍ତି ଯେ ବେଜିଂ ଯଦି ସ୍ୱ-ଶାସିତ ରାଷ୍ଟ୍ର ତାଇୱାନ୍ ଉପରେ ଆକ୍ରମଣ କରେ, ତା'ହେଲେ ତାଇୱାନ୍‌କୁ ସୁରକ୍ଷା ପ୍ରଦାନ କରିବାକୁ ଆମେରିକା ତା'ର ସାମରିକ ବାହିନୀକୁ ପ୍ରେରଣ କରିବ । ତେଣୁ ମୋଟାମୋଟି ଉଭୟ ମହାଶକ୍ତିଙ୍କ ମଧ୍ୟରେ ଏକ ବାସ୍ତବ ସୌହାର୍ଦ୍ଦିପୂର୍ଣ୍ଣ ସମ୍ପର୍କର ପୁନଃପ୍ରତିଷ୍ଠା ଏହି ଦୁଇ ରାଷ୍ଟ୍ରର ନେତାମାନଙ୍କର କରମର୍ଦ୍ଦନ, ଫଟୋ ସେସନ୍ ଏବଂ କଥୋପକଥନଠାରୁ ଅଧିକ କିଛି ଆବଶ୍ୟକ କରେ । ସମଗ୍ର ବିଶ୍ୱ ମଧ୍ୟ ଏହା ଚାହେଁ ଓ ଆବଶ୍ୟକ କରେ, କିନ୍ତୁ ଆମେରିକା ଓ ଚୀନ୍ ଏଥିରେ ବିଶ୍ୱାସ କରନ୍ତି କି ନାହିଁ, ତାହା ଭବିଷ୍ୟତରେ ଦେଖୁବାକୁ ବାକି ରହିଲା ।

ବେତାରର ଅତୀତ ଓ ବର୍ତ୍ତମାନ

ଶ୍ରୀବତ୍ସ ନାୟକ

ଶୂନ୍ୟାକାଶରୁ ଓହ୍ଲାଉଥିବା ଶବ୍ଦଙ୍କ ଲହର, ଖବରର ନିର୍ଭରଯୋଗ୍ୟ ସମାହାର, ଆମ ଚେତନାର ଭବ୍ୟ ରୂପାନ୍ତର, ଜାଗ୍ରତ ପ୍ରହରୀ ଆମ ସମାଜର, ବାଜୁଥାଏ ସେ ନିରନ୍ତର, ସୁମଧୁର ତାର ଆଦେଖା ସ୍ୱର, ସଦସ୍ୟ ଅଟେ ସେ ପରିବାରର, ଏଇ ଆମ ବିନା ତାର ବେତାର । ହଁ ଆଜ୍ଞା, ସେ ହେଉଛି ବେତାର ଯାହା କି ରେଡିଓ ନାମରେ ପରିଚିତ । ସମୟ କିମ୍ବା ସୀମାର ନାହିଁ ପ୍ରତିବନ୍ଧକ । ଅହରହ ଚାଲୁଥାଏ । ସେଇ ଅଦେଖା ସ୍ୱର । ମଣିଷ ମସ୍ତିଷ୍କର ନାଟ୍ୟଶାଳା ସେ । ଶତାଧିକ ଲୋକଙ୍କୁ ଗୋପନରେ କହି ପାରୁଥିବା ଯନ୍ତ୍ରଟିଏ ସେ । ବକ୍ତା ଏବଂ ଲୋଖକଙ୍କର ଭାଷାକୁ ଶ୍ରୋତା ମାନଙ୍କ ପାଖରେ ପହଞ୍ଚାଇ ପାରୁଥିବା କୁନି ଯନ୍ତ୍ରଟିଏ ସେ । ବିନା ବିଦ୍ୟୁତରେ ବିନା ତାରରେ ଚାଲି ପାରୁଥିବା ମେସିନ ହେଉଛି ବେତାର ବା ରେଡିଓ । ପ୍ରାଗ୍ ଐତିହାସିକ ଯୁଗର ମଣିଷ ଦିନେ ବଣ ଜଙ୍ଗଲରେ ନଗ୍ନ ଅବସ୍ଥାରେ ଥିଲା । କଞ୍ଚା ମାଂସ ଭକ୍ଷଣ କରୁଥିଲା । ନିଆଁର ବ୍ୟବହାର ଜାଣିନଥିଲା । ଗଛର କୋରଡରେ ରହୁଥିଲା । ସଭ୍ୟତା କଣ ଜଣା ନଥିଲା । ଶିକ୍ଷାଠାରୁ ଥିଲା ବହୁତ୍ ଊର୍ଦ୍ଧରେ । ସ୍ୱାସ୍ଥ୍ୟ ଅବସ୍ଥା ନ କହିଲେ ଭଲ । କଥାରେ ଅଛି ଏ ସମୟ ଦିନେ ରହିବ ନାହିଁ ଠିକ୍ ସେମିତି ହିଁ ହେଲା ସମୟ ବଦଳାଇ ଦେଲା ସବୁକିଛି ।

ଏକଦା ସମୟ ଥିଲା ଯୋଗାଯୋଗର ମାଧ୍ୟମ କହିଲେ ଲୋକମାନେ ଚିଠିକୁ ବୁଝୁଥିଲେ । ଆଧୁନିକତାର ସ୍ପର୍ଶରେ ମନୁଷ୍ୟ ଏକପାଦ ଆଗକୁ ଯାଇ ଉଦ୍ଭାବନ କଲା ରେଡିଓ । ଟେଲିଭିଜନ ଆସିବାର ବହୁ ପୂର୍ବରୁ ଲୋକମାନଙ୍କର ମନୋରଞ୍ଜନର ମାଧ୍ୟମ ଥିଲା ରେଡିଓ । ଖାଲି ମନୋରଞ୍ଜନ କାହିଁକି ଯେଉଁ ସମୟରେ ବିଦ୍ୟୁତ୍ ନଥିଲା, ଟେଲିଭିଜନ ନଥିଲା, ମୋବାଇଲ ନଥିଲା ସେ ସମୟରେ ଦେଶ ବିଦେଶର ଖବର ଜାଣିବା ପାଇଁ ଆମେ ବ୍ୟବହାର କରୁଥିଲେ ରେଡିଓ। ଏହା ମାଧ୍ୟମରେ ପ୍ରାକୃତିକ ଦୁର୍ବିପାକ ସହ କ୍ରୀଡା ଓ ମନୋରଞ୍ଜନ ଖବର ଜାଣୁଥିଲେ ଆମେ । ସ୍ୱାଧିନତା ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଅବସ୍ଥାରେ ରେଡିଓର ଭୂମିକା ଅବର୍ଣ୍ଣନୀୟ । ସ୍ୱାଧୀନ ଭାରତ ନିର୍ମାଣରେ ଭାରତୀୟ ରେଡିଓର ବହୁତ୍ ପ୍ରଭାବ ପଡ଼ିଥିଲା । ଉଭୟ ନେତାଜୀଙ୍କ ଆଜାଦ ହିନ୍ଦ ରେଡିଓ ଓ କଂଗ୍ରେସ ରେଡିଓ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ମାନଙ୍କ ବିରୁଦ୍ଧରେ ଭାରତୀୟଙ୍କୁ ଜାଗ୍ରତ କରିବାରେ ସାହାଯ୍ୟ କରିଥିଲା । ଜନସଚେତନ କାର୍ଯ୍ୟକ୍ରମ ସହ ସରକାରଙ୍କର ପ୍ରତ୍ୟେକ ଯୋଜନା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଉଥିଲା ରେଡିଓ । ଏହା ଏକ ଚମତ୍କାର ମାଧ୍ୟମ ଯାହା ସାମାଜିକ ସଂଯୋଗକୁ ଦୃଢ କରେ। ଅତ୍ୟାଧୁନିକ ଯୁଗରେ କାହିଁକି କେଜାଣି ଆମ ଘରେ ରହିଯାଇଛି ଏକ ରେଡିଓ । ରେଡିଓ ନୁହେଁ ସତେ ଯେମିତି ସେ ମୋ ବାପାଙ୍କର ସାଥୀ । ସକାଳୁ ଶଯ୍ୟା ତ୍ୟାଗ କଲାଠାରୁ ବିଳମ୍ବିତ ରାତିରେ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ ସେ ଥାଏ ବାପାଙ୍କ ପାଖେ ପାଖେ । ଏଲ.ଇ.ଡି, ଏଲ୍. ସି. ଡି ତଥା ମୋବାଇଲ ରେ ମାନିଆ ନହୋଇ ମୋ ବାପା ତାଙ୍କ ଶେଷ ପର୍ଯ୍ୟନ୍ତ ମଧ୍ୟ ଜାରି ରଖିଥିଲେ ରେଡିଓ ଶୁଣିବାର ନିଶା । କେତେ ସୁମଧୁର ତାର ସ୍ୱର । ମୋର ଶୈଶବ ଅବସ୍ଥା ହିଁ ରେଡିଓ ସହ କଟିଛି । ଅନେକ ମୁହୂର୍ତ୍ତ ବିତାଇଛି ଅନେକ ସ୍ମୃତି ସାଉଁଟିଛି । ବ୍ୟକ୍ତିଗତ ଭାବେ କହିବାକୁ ଗଲେ ରେଡିଓରେ ପ୍ରଚାର ପ୍ରସାର ହେଉଥିବା ପ୍ରତ୍ୟେକଟି କାର୍ଯ୍ୟକ୍ରମ ବହୁତ୍ ଭଲ ଲାଗେ । ପ୍ରତିଦିନ ସକାଳ ୫.୫୫ରୁ ଆକାଶବାଣୀ କଟକ କେନ୍ଦ୍ର ତାର ରେଡିଓ କାର୍ଯ୍ୟକ୍ରମ ଆରମ୍ଭ କରେ । ପ୍ରତ୍ୟେକ ଦିନର ଆରମ୍ଭ ହୁଏ ବନ୍ଦେ ମାତରଂରୁ ଏବଂ ପରେ ପରେ ରାଷ୍ଟ୍ରଭାଷା ରେ ଜାରି ରୁହେ ଖବର ପ୍ରସାରଣ । ପରେ ପରେ 'ବନ୍ଦନା', 'ଅନୁଚିନ୍ତା', 'ଓଡ଼ିଆ ଭାଗବତ', 'ପାଣିପାଗ ଓ କୃଷି ସୂଚନା', 'ଆମ ସ୍ୱାସ୍ଥ୍ୟ', 'ପ୍ରଭାତ ପରିକ୍ରମା', 'ଚିର ସବୁଜ', 'ଆମ ଗୀତ','ଗୀତ ଗୀତିକା', 'ଗୀତି ନାଟ୍ୟ', 'ସୁଗମ ସଙ୍ଗୀତ', 'ଲୋକ ସଙ୍ଗୀତ' ଭଳି କାର୍ଯ୍ୟକ୍ରମ ପ୍ରସାରିତ ହୁଏ । ପ୍ରତ୍ୟେକଟି କାର୍ଯ୍ୟକ୍ରମର ଥିଲା ଏକ ନିଆରା ପରିଚୟ ।

ଜୀବ ଜଗତରେ ଭାବ ବିନିମୟ ପାଇଁ ଚଢ଼େଇମାନେ କିଚିରି ମିଚିରି ଶବ୍ଦ କରନ୍ତି, ବେଙ୍ଗମାନେ କେଁ କଟର ଶବ୍ଦ କରନ୍ତି, ଗୋରୁ ଗାଇ ମାନେ ହମ୍ବାରଡ଼ି କରନ୍ତି । କିନ୍ତୁ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ନିଜର ଭାବ ବିନିମୟ କରିବା ପାଇଁ ଯେଉଁ ଯନ୍ତ୍ର ବ୍ୟବହୃତ କରନ୍ତି ତାହା ହେଉଛି ଟେଲିଭିଜନ, ମୋବାଇଲ, ୱାୟାରେଲେସ, ରେଡିଓ ଇତ୍ୟାଦି । ଏ ସମସ୍ତ ଯୋଗାଯୋଗ ମୁଖ୍ୟତଃ ତରଙ୍ଗର ବ୍ୟବହାର ଉପରେ ନିର୍ଭର କରେ। ରେଡିଓ ଦ୍ୱାରା ଯୋଗାଯୋଗ ପାଇଁ ବିଦ୍ୟୁତ ଚୁମ୍ବକୀୟ ତରଙ୍ଗର ବ୍ୟବହାର କରାଯାଏ । ଇଟାଲୀ ଜନ୍ମିତ ଗୁଗ୍ଲେୟିଲୋମ ମାର୍କୋନି (୨୫ ଏପ୍ରିଲ ୧୮୭୪- ୨୦ ଜୁଲାଇ୧୯୩୭) ଚୁମ୍ବକୀୟ ତରଙ୍ଗ ଉପରେ ଗବେଷଣା ଆରମ୍ଭ କରି ଅନେକ ପୁସ୍ତକମାନ ରଚନା କରିଥିଲେ । ପୃଥିବୀରେ ପରିବ୍ୟାପ୍ତ ବିରାଟ ଇଥର ସମୁଦ୍ର ବକ୍ଷରେ ଲୀଳାୟିତ ଲକ୍ଷ ଲକ୍ଷ ତରଙ୍ଗ ମାଳା କୁ ବିଦ୍ୟୁତ ତରଙ୍ଗରେ ଏବଂ ସେହି ବିଦ୍ୟୁତ ତରଙ୍ଗକୁ ଶବ୍ଦ - ତରଙ୍ଗରେ ପରିଣତ କରିବାର ପ୍ରେଚେଷ୍ଟା ଦିନେ ବେତାର ଆବିଷ୍କାର କରିବାର ଅକଳ୍ପନୀୟ ସାଫଲ୍ୟରେ ପ୍ରତିପାଦିତ ହେଲା। ଏହିଭଳି କୃତିତ୍ୱ ନିମନ୍ତେ ଇଟାଲୀର ପ୍ରକ୍ଷାତ ବୈଜ୍ଞାନିକ ମାର୍କୋନି ସମଗ୍ର ବିଶ୍ୱରେ ଅଭିନନ୍ଦନ ଯୋଗ୍ୟ । ଏହିଭଳି ଯୁଗାନ୍ତକାରୀ ଉଦ୍ଭାବନ ପାଇଁ ତାଙ୍କୁ ୧୯୦୯ ମସିହାରେ ପୃଥିବୀର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ଉପାଧିରେ ଭୂଷିତ କରାଗଲା ।

ଭାରତରେ ୧୯୨୭ ମସିହାରେ ବମ୍ବେ କେନ୍ଦ୍ରରୁ ଆନୁଷ୍ଠାନିକ ଭାବେ ବେତାର ପ୍ରସାରଣ ଆରମ୍ଭ ହୋଇଥିଲା । ଏହି ଦିବସଟିକୁ ପରବର୍ତ୍ତୀ ସମୟରେ ଜାତୀୟ ପ୍ରସାରଣ ଦିବସ ବୋଲି ପାଳନ କରାଗଲା । ପ୍ରଥମେ ପ୍ରଥମେ ଏହାର ପ୍ରସାରଣ ମିଳିତ ଭାବେ କେନ୍ଦ୍ର ସରକାର ଏବଂ ଏକ ଘରୋଇ କମ୍ପାନୀ ସହ ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଏହା ଭାରତ ସରକାରଙ୍କ ଅଧିନରେ ପରିଚାଳିତ ହେଲା । ଇଣ୍ଡିଆନ ବ୍ରଡକାଷ୍ଟିଙ୍ଗର ତଥ୍ୟ ଅନୁସାରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ସମୟରେ ପାକିସ୍ତାନ ସହ ଅଲ୍ ଇଣ୍ଡିଆ ରେଡିଓ ସାମଗ୍ରୀ ୨:୧ ଅନୁପାତରେ ବାଣ୍ଟ କରାଗଲା । ଏହି ସମୟରେ ଭାରତରେ ଅଲ୍ ଇଣ୍ଡିଆ ରେଡିଓର ମାତ୍ର ୬ଟି ଷ୍ଟେସନ ଚାଲିଥିଲା । ସେ ଛଅଟି ଷ୍ଟେସନ ହେଲା ଦିଲ୍ଲୀ, ବମ୍ବେ, କଲିକତା, ମାଡ୍ରାସ, ଲକ୍ଷ୍ନୌ, ଏବଂ ତ୍ରିଚି। ଟ୍ରାନସ୍ ମିଟରର ସଂଖ୍ୟା ଥିଲା ୧୮ । ଦେଶର ସମୁଦାୟ ଭୌଗଳିକ ଅଞ୍ଚଳର ୨.୫ ପ୍ରତିଶତ ଇଲାକାରେ ପ୍ରସାରଣ ସେବା ପହଞ୍ଚି ପାରୁଥିଲା ଏବଂ କେବଳ ୧୧ ପ୍ରତିଶତ ଲୋକ ଏହାକୁ ଶୁଣି ପାରୁଥିଲେ । ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ରେଡିଓର ଜନପ୍ରିୟତା ଓ ବ୍ୟବହାର ଦ୍ରୁତଗତିରେ ବଢ଼ିବାକୁ ଲାଗିଲା । ଦୀର୍ଘ ୫୦ ବର୍ଷ ଧରି ଅର୍ଥାତ ୨୦୦୦ ମସିହା ପର୍ଯ୍ୟନ୍ତ ଆକାଶବାଣୀ ତାର ଦବଦବା ଜାରି ରଖିଥିଲା। ୨୦୦୦ ମସିହାରେ ଭାରତ ସରକାର ଘରୋଇ ଏଫ୍. ଏମ. ପ୍ରସାରକଙ୍କୁ ରେଡିଓ ପ୍ରସାରଣରେ ସାମିଲ ହେବାର ଅନୁମତି ମିଳିଲା ।

ଆଜିକାଲି ମନୁଷ୍ୟ ଆଧୁନିକ ଯୁଗ ଅତିକ୍ରମ କରି ଅତ୍ୟାଧୁନିକ ଯୁଗସହ ଡିଜିଟାଲ ଯୁଗରେ ପହଞ୍ଚିଛି । କେତେ ଅନ୍ତହୀନ ନିରବଚ୍ଛିନ୍ନ ବିଭନ୍ନ ଶେଷରେ ଅତୀତର ଅସହାୟ ମାନବ ଅଜ୍ଞାନ ଅନ୍ଧକାରକୁ ଦୂରୀଭୂତ କରି ବିଜ୍ଞାନର ସର୍ବୋଚ୍ଚ ଶିଖରରେ ଦଣ୍ଡାୟମାନ । ବିଜ୍ଞାନର ପ୍ରଦୀପ୍ତ ଆଲୋକ ସ୍ପର୍ଶରେ ଅଜ୍ଞାନ ତିମି ଦୂରେଇଯାଇଛି । ନିଜର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାନବ ସର୍ବଦା ନୂତନତାର ସନ୍ଧାନରେ ମତୁଆଲା । ନିତ୍ୟ ନୂତନତାର ଚିର ଅନୁସନ୍ଧିତ୍ସୁ ମନ, ମନୁଷ୍ୟକୁ ଅସ୍ଥିର କରିଛି । ଆବଶ୍ୟକତାରୁ ହିଁ ଉଦ୍ଭାବନର ସୃଷ୍ଟି । ଚିଠି ପରେ ବେତାର ଏବଂ ବେତାର ପରେ ପରେ ଟେଲିଭିଜନ ଏବଂ ଇଣ୍ଟରନେଟ୍ ଭଳି ମନୋରଞ୍ଜନର ମାଧ୍ୟମକୁ ଅନୁସନ୍ଧାନ କରି ହାସଲ କରିଛି ମନୁଷ୍ୟ । ଆଜୁଠି ଟିପରେ ମିଳୁଛି ଦେଶ ଦୁନିଆର ଖବର । ବିଶେଷ କରି ଡିଜିଟାଲ ଯୁଗରେ ବେତାରର ସ୍ଥାନ ଟେଲିଭିଜନ ନେଇ ସାରିଲାଣି । ଘରେ ଘରେ ଆଧୁନିକ ଟେଲିଭିଜନ ଯଥା ଏଲ୍. ସି. ଡି ଏବଂ ଏଲ. ଇ. ଡି। ୨୪ଘଣ୍ଟିଆ ମନୋରଞ୍ଜନର ମାଧ୍ୟମ ପାଲଟିଯାଇଛି ଟେଲିଭିଜନ । ଉଭୟ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ଯୋଗୁ ଟେଲିଭିଜନର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଏବେକାର କେତେ ଯୁବପିଢି ମଧ୍ୟ ରେଡିଓ ବା ବେତାର କଣ ବୋଧ ହୁଏ ଦେଖି ନଥିବେ କିମ୍ବା ଶୁଣିବି ନଥିବେ । ଏକଦା ପରିବାରର ସଦସ୍ୟ ଥିବା ବେତାର ଆଜି ମୂଲ୍ୟହୀନ ହୋଇଉଠିଛି । ସ୍ୱେସ ୱେଦର ଡ଼ଟ୍ କମ୍‌ର ରେପୋର୍ଟ ଅନୁସାରେ ଜି ୧ ଏବଂ ଜି୨ ଶ୍ରେଣୀର ସୌର ଝଡ଼ ଦ୍ୱାରା ପୃଥିବୀର ଚୁମ୍ବକୀୟ କ୍ଷେତ୍ର ପ୍ରଭାବିତ ହେବ । ଏହା ଦ୍ୱାରା ବେତାର ତରଙ୍ଗ ଉପରେ ପ୍ରଭାବ ପଡ଼ିବ । ଏପରି କି ନାଭିଗେସନ ସିଷ୍ଟମ୍ ମଧ୍ୟ ବନ୍ଦ ହୋଇଯିବା ବୋଲି ଅନୁମାନ କରୁଛି । ସୂର୍ଯ୍ୟଙ୍କର କରୋନାଲ ଗର୍ତ୍ତରେ ବିସ୍ଫୋରଣ ହୋଇଥିବାରୁ ଏହିପରି ସୌରଝଡ଼ ହେବାର ଆଶଙ୍କା କରାଯାଉଛି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ସମ୍ଭବାମି ଯୁଗେ ଯୁଗେ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଶାସ୍ତ୍ରରେ କୁହାଯାଇଛି 'ବର୍ଷାଣାମ୍ ଭାରତ ଶ୍ରେଷ୍ଠଃ'। ଅର୍ଥାତ୍ ଦେଶ ମାନଙ୍କ ଭିତରେ ଭାରତ ହେଉଛି ଶ୍ରେଷ୍ଠ ଭୂମି। ଯୁଗ ଯୁଗ ଧରି ଏହି ମାଟିରେ ଅବତୀର୍ଣ୍ଣ ହୋଇଛନ୍ତି ଅନେକ ଦେବ-ଦେବୀ, ସାଧୁ-ସନ୍ଥ, ମହାପୁରୁଷ। ସାରା ଦୁନିଆକୁ ଆଲୋକିତ କରିଛନ୍ତି ନିଜର ସାଧନା ଓ ଅଲୌକିକ ଜ୍ୟୋତି ମାଧ୍ୟମରେ। ଅବତାରୀ ପୁରୁଷ ଓ ଧର୍ମଗୁରୁମାନେ ଭାରତୀୟ ଜୀବନ ଦର୍ଶନକ

ବିବାହ ବନ୍ଧନରେ ବାନ୍ଧି ହେବେ ସାଉଥ ସୁପରଷ୍ଟାର ତମନ୍ନା

ଖୁବଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବେ ସାଉଥ ସୁପରଷ୍ଟାର ତମନ୍ନା ଭାଟିଆ । ସାଉଥ ଇଣ୍ଡଷ୍ଟ୍ରିରେ ଧମାଲ କରିବା ପରେ ଏବେ ବଲିଉଡରେ ସକ୍ରିୟ ରହିଛନ୍ତି ତମନ୍ନା । ଫିଲ୍ମ ବାହୁବଲୀ ପରେ ତାଙ୍କର ଲୋକପ୍ରିୟତା ବଢ଼ିବା ସହ ଏବେ ସେ ଉଭୟ ଫିଲ୍ମ ଓ ୱେବସିରିଜ କରୁଥିବାର ନଜର ଆସିଛନ୍ତି । ତେବେ ପେସାଦାର ଜୀବନକୁ ନେଇ ବ୍ୟସ୍ତ ଥିବା ତମନ୍ନା ଏବେ ନିଜ ବିବାହକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ୩୨ବର୍ଷୀୟ ତମନ୍ନା ଖୁବ ଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି । ଏନେଇ ସେ କାମରୁ କିଛି ସମୟ ବିରତି ନେଇ ବିବାହ ପାଇଁ ପ୍ରସ୍ତୁତି କରିବେ ବୋଲି ସୂଚନା ମିଳିଛି ।

ମିଳିଥିବା ସୂଚନା ମୁତାବକ, ତମନ୍ନା ମୁମ୍ବାଇର ଜଣେ ବଡ଼ ବ୍ୟବସାୟୀଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବେ । ମୁମ୍ବାଇର ଜଣେ ବ୍ୟବସାୟୀ ତମନ୍ନାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିବା ବେଳେ ସେ ହଁ କରିଥିବା ଚର୍ଚ୍ଚା ହେଉଛି । ତେବେ ବିବାହକୁ ନେଇ ତମନ୍ନା ଅଧିକାରୀକ ଭାବେ ଘୋଷଣା କରିନଥିଲେ ବି ବିବାହର ପ୍ରଶ୍ନକୁ ନେଇ ସେ ନାଁ ମଧ୍ୟ କରିନାହାନ୍ତି । ଏଭଳି ସ୍ଥିତିରେ ସେ କିଛି ଦିନ ମଧ୍ୟରେ ହିଁ ବିବାହ କରୁଥିବା ନେଇ ନିଜ ପ୍ରଶଂସକଙ୍କୁ ଜଣାଇବେ ବୋଲି ଆଶା କରାଯାଉଛି ।

ତେବେ ତମନ୍ନାଙ୍କୁ ବିବାହ ପ୍ରସ୍ତାବ ଦେଇଥିବା ସେହି ବ୍ୟବସାୟୀଜଣକ କିଏ, ତାହା ଜଣାପଡ଼ିନଥିବା ବେଳେ କିଛି ଦିନ ପରେ ଏହା ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି ।

ବିବାଦ ପରେ ବଦଳିବ ଲୁକ୍: କଟିବ ସୈଫଙ୍କ ଦାଢ଼ି

ଏଥର ବିନା ଦାଢ଼ିରେ ନଜର ଆସିବେ ସୈଫ ଅଲ୍ଲି ଖାନ୍ । ବିବାଦ ପରେ ବଦଳିବ ଲୁକ୍ । ଅପ୍‌କମିଂ ଫିଲ୍ମ 'ଆଦିପୁରୁଷ'ରେ ନୂଆ ଲୁକ୍‌ରେ ନଜର ଆସିବେ ରାବଣରେ ଭୂମିକାରେ ଥିବା ସୈଫ । ବିବାଦ ପରେ ନିର୍ଦ୍ଦେଶକ ଓମ୍ ରାଉତ ଏଭଳି କିଛି ନିଷ୍ପତ୍ତି ନେଇଛନ୍ତି ।

ଫିଲ୍ମ ଆଦିପୁରୁଷ ରିଲିଜ ପୂର୍ବରୁ ହିଁ ବିବାଦରେ ଫସିଛି । ଟିଜର ରିଲିଜ ପରଠାରୁ ଫିଲ୍ମଟି ଚର୍ଚ୍ଚାରେ ରହିଛି । ଫିଲ୍ମର ଖରାପ ଭିଏଫ୍‌ଏକ୍ସ ଓ ବିଭିନ୍ନ ଚରିତ୍ରର ଗେଟ୍‌ଅପ୍‌କୁ ନେଇ ଚାରିଆଡୁ ବିରୋଧ ହୋଇଛି । ବିଶେଷ କରି ସୈଫ୍‌ଙ୍କ ଚରିତ୍ରକୁ ନେଇ ବେଶ୍ ସମାଲୋଚନା ହୋଇଥିଲା ।

ଲୋକେ ସୈଫ୍‌ଙ୍କ ରାବଣ ଲୁକ୍‌କୁ ପସନ୍ଦ କରିନଥିଲେ । ରାବଣ ଓ ହନୁମାନ ମୁସଲମାନଙ୍କ ଭଳି ଦାଢ଼ି ରଖିଥିବାରୁ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ । ଏକ ରିପୋର୍ଟ ଅନୁଯାୟୀ ଫିଲ୍ମର ମେକର୍ସ ଡିଜିଟାଲ ଟୁଲ୍ ଜରିଆରେ ସୈଫ୍‌ଙ୍କ ଦାଢ଼ିକୁ ହଟାଇବାକୁ ଯୋଜନା କରୁଛନ୍ତି । କିନ୍ତୁ ଏହା କରିବା ମୁସ୍କିଲ ହୋଇପାରେ । କାରଣ ଫିଲ୍ମରେ ଅନେକ କାମ ସରିଛି ।

ରିପୋର୍ଟ ଅନୁଯାୟୀ ସବୁ ପରିବର୍ତ୍ତନ ପାଇଁ ପ୍ରାୟ ୩୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ । ଗତ ସପ୍ତାହରେ ମେକର୍ସ ଫିଲ୍ମର ରିଲିଜ ଡେଟ୍‌କୁ ଘୁଞ୍ଚାଇଥିବା ଘୋଷଣା କରିଥିଲେ । ପୂର୍ବରୁ ଏହା ୧୨ ଜାନୁଆରୀ ୨୦୨୩ ରେ ରିଲିଜ୍ ହେବାର ଥିଲା । ଏବେ ଏହାକୁ ୧୬ ଜୁନ୍‌କୁ ଘୁଞ୍ଚାଇ ଦିଆଯାଇଛି ।

ନିର୍ଦ୍ଦେଶକ ଓମ୍ ରାଉତଙ୍କ ଫିଲ୍ମ 'ଆଦିପୁରୁଷ'ର ଟିଜରରେ ନଜର ଆସିଥିବା ଭିଏଫଏକ୍ସକୁ ଲୋକେ ସୋସିଆଲ ମିଡିଆରେ ବେଶ୍ ସମାଲୋଚନା କରିଥିଲା । ଏହା ସହ ରାମାୟଣ ଉପରେ ଆଧାରିତ ଏହି ଫିଲ୍ମରେ ତଥ୍ୟକୁ ଭୁଲ୍ ଭାବରେ ଉପସ୍ଥାପିତ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା ।

ଏହି ଫିଲ୍ମର ଲିଡ୍ ରୋଲରେ ବାହୁବଳୀ ଫେମ୍ ପ୍ରଭାସ ଥିବା ବେଳେ ତାଙ୍କ ଅପୋଜିଟ୍‌ରେ କ୍ରିତି ସାନନ ଅଛନ୍ତି । ସେହିପରି ସୈଫ ଅଲ୍ଲିଖାନ୍ ମଧ୍ୟ ଏଥିରେ ନଜର ଆସିବେ ।

ଅଭିନେତ୍ରୀ ଡୋନଲଙ୍କ ଅଭିଯାନ

ନିଜର ଭାଗ୍ୟ ସହ କର୍ମ ଯେବେ ଏକ ସରଳରେଖାରେ ରହିଯାଏ, ସେତେବେଳେ ସ୍ୱପ୍ନ ବାସ୍ତବ ରୂପ ନେଇଥାଏ । ଅଗ୍ରଣୀ ଅଭିନେତ୍ରୀ ଡୋନଲ ବିଷ୍ଟଙ୍କ ଭାଗ୍ୟରେ ସେପରି କିଛି ଘଟିଚାଲିଛି ଯାହା ତାଙ୍କର ସ୍ୱପ୍ନକୁ

ସାକାର କରିବାରେ ସହାୟକ ହୋଇଛି । ରାଜସ୍ଥାନର ଅଲ୍ୱାର ଠାରେ ୧୯୯୪ ଅଗଷ୍ଟ ୨୭ରେ ଜନ୍ମିତା ଡୋନଲ୍ ପିତାମାତାଙ୍କ ପରାମର୍ଶକ୍ରମେ ଗଣଯୋଗାଯୋଗ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରି ସାରିଥିଲେ । ତେବେ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହୋଇ ଗ୍ଲାମର ଜଗତ୍‌ରେ ପ୍ରତିଷ୍ଠିତ ହେବା ଲାଗି ତାଙ୍କ ମନକୁ ଏକ ଅବ୍ୟକ୍ତ କଳ୍ପନା ଆଲୋଡ଼ିତ କରି ଚାଲିଥିଲା । ସୌଭାଗ୍ୟକୁ ସ୍ନାତକ ପଢ଼ିଲା ବେଳେ ସେ କିଛି ବିଜ୍ଞାପନରେ ମଡେଲିଂ କରିବାର ସୁଯୋଗ ପାଇଥିଲେ । ପରେ ଏକ ଟିଭି ଚ୍ୟାନେଲର ସାମ୍ବାଦିକା ସାଜି ସେ ନିଜର ପେସାଗତ ଜୀବନ ଆରମ୍ଭ କରିଥିଲେ । ଦୂରଦର୍ଶନରେ ପ୍ରସାରିତ ମନୋରଞ୍ଜନଧର୍ମୀ ଧାରାବାହିକ 'ଚିତ୍ରହାର'ର ଉପସ୍ଥାପିକା ସାଜି ସେ ନିଜ ସ୍ୱପ୍ନର ପ୍ରଥମ ପାହାଚରେ ପାଦ ରଖିଥିଲେ । ଏହା ପରେ ସେ ମୁମ୍ବାଇ ଚାଲି ଆସିଥିଲେ । ସେଠାରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୪ରୁ ପ୍ରସାରିତ ଟିଭି ଧାରାବାହିକ 'ଏୟାରଲାଇନ୍ ?ସ: ହର ଉଡ଼ାନ ଏକ ତୁଫାନ' ମାଧ୍ୟମରେ । ଏହାପରେ ମାଲାୟଲୀ ଫିଲ୍ମ 'ଡି କମ୍ପାନି'ରେ ଏକ ସଂକ୍ଷିପ୍ତ ତଥା ସ୍ୱତନ୍ତ୍ର ଭୂମିକା ନିର୍ବାହ କରି ସେ ପ୍ରଥମ ଥର ବଡ଼ ପରଦାରେ ଦେଖା ଦେଇଥିଲେ ।

ଏହାପରେ 'କଲାସ-ଏକ ବିଶ୍ୱାସ', 'ଏ ଜିନ୍ଦଗୀ' ଓ ଲାଲ୍ ? ଇସ୍କ' ଆଦି ଧାରାବାହିକ ଡୋନଲ୍ ?ଙ୍କ ଲୋକପ୍ରିୟତାକୁ ଆଉ ପାଦେ ଆଗକୁ ନେଇଥିଲା । ତେବେ 'ଏକ ଦ୍ୱିନା ଥା' ଧାରାବାହିକରେ ତାଙ୍କ ଅଭିନୀତ ଶରନ୍ୟା ବିଷ୍ଟ ଚରିତ୍ର ଓ 'ରୂପ- ମର୍ଦ କା ନୟା ସ୍ୱରୂପ'ରେ ଇସିକା ପଟେଲ ଭୂମିକା ତାଙ୍କୁ ଅଭିନୟ ଦୁନିଆରେ ପ୍ରତିଷ୍ଠିତ କରାଇବା ସହ ସେ ଏକ ପରିଚିତ ନାଁ ପାଲଟିଯାଇଥିଲେ । ନିଜର ଦକ୍ଷତା ଓ କାମ କରିବାର କ୍ଷୁଧା ପାଇଁ ୨୦୨୦ ତାଙ୍କର ସବୁଠୁ ବ୍ୟସ୍ତବହୁଳ ବର୍ଷ ପାଲଟିଥିଲା । ସେହି ବର୍ଷ ଡୋନଲ୍ ହିନ୍ଦୀ ଫିଲ୍ମ 'ପ୍ୟାର ବନାମ ଖାପ ପଞ୍ଚାୟତ' ଓ 'ଦୁନିଆ'ରେ ଅଭିନୟ କରିବା ସହ ୱେବ୍ ଧାରାବାହିକ 'ଟିଆ ଆଣ୍ଡ୍ ରାଜ୍'ରେ ମଧ୍ୟ ପ୍ରଥମ ପଦାର୍ପଣ କରିଥିଲେ । ଏଥି ସହିତ ସଂଗୀତ ଭିଡିଓ 'ବେପତା', 'ଅଲଗ ମେରା ୟେ ରଙ୍ଗ ହେ', 'ତେରି ପତଲି କମର'ରେ ମଧ୍ୟ ନିଜର ଦକ୍ଷତା ଦେଖାଇଥିଲେ । ଚଳିତବର୍ଷ ସେ ତେଲୁଗୁ/କନ୍ନଡ଼ ସିନେମା 'କୁସ୍ତକର୍ଣ୍ଣ'ରେ ପ୍ରଥମ କରି ଅବତୀର୍ଣ୍ଣ ହୋଇଛନ୍ତି ଯାହାର ସୁଟିଂ ପରବର୍ତ୍ତୀ କାମ ଚାଲୁ ରହିଛି । ତେବେ ଏପରି ଧୀରେ ଧୀରେ ନିଜର ଅଭିନୟ ଜୀବନକୁ ରଙ୍ଗାୟିତ କରି ଚାଲିଥିବା ଡୋନଲ ଆଗକୁ ଜଣେ ଶ୍ରେଷ୍ଠ କଳାକାର ଭାବେ ବିଦିତ ହେବେ ବୋଲି ତାଙ୍କ ପ୍ରଶଂସକ ମାନେ ଆଶା ରଖିଛନ୍ତି ।

ପ୍ରେମିକା ଓ ତାଙ୍କ ମଧ୍ୟରେ ଥିବା ୨୧ ବର୍ଷ ବ୍ୟବଧାନର ଗୁମର ଖୋଲିଲେ ଅରବାଜ

ସାକ୍ଷାତକାର ସମୟରେ ଅଭିନେତାମାନେ ତାଙ୍କ ବ୍ୟକ୍ତିଗତ ଜୀବନର ଗୁମର କ୍ୱଚିତ୍ ଖୋଲିଥାନ୍ତି । ସିଦ୍ଧାର୍ଥ କନ୍ନନଙ୍କ ସହ କଥାବାର୍ତ୍ତା ସମୟରେ ଅରବାଜ ଖାନ ତାଙ୍କ ପ୍ରେମିକା ଜର୍ଜିଆ ଆଣ୍ଡ୍ରିଆନିଙ୍କ ମଧ୍ୟରେ ଥିବା ବିରାଟ ବୟସ ବ୍ୟବଧାନର ଗୁମର ଖୋଲିଛନ୍ତି । ବଲିଉଡ ଅଭିନେତା ଅରବାଜ ଖାନ ଜଣେ ନୁହେଁ ଦୁଇଜଣ ସୁନ୍ଦରୀ ମହିଳାଙ୍କ ସହ ରହିବାର ସେ ?ଭାଗ୍ୟ ପାଇଛନ୍ତି । ତାଙ୍କର ପୂର୍ବତନ ପତ୍ନୀ ମଲାଇକା ଆରୋରାଙ୍କଠାରୁ ସେ ୨୦୧୮ରେ ଛାଡ଼ପତ୍ର ନେଇ ସେମାନଙ୍କ ୧୮ ବର୍ଷର ସମ୍ପର୍କକୁ ଆନୁଷ୍ଠାନିକ ଭାବରେ ସମାପ୍ତ କରିଥିଲେ ଏବଂ ବର୍ତ୍ତମାନର ପ୍ରେମିକା ଜର୍ଜିଆ ଆଣ୍ଡ୍ରିଆନି । ଅଭିନେତା ଅରବାଜ ଖାନ (୫୫) ଓ ପ୍ରେମିକା ଜର୍ଜିଆଙ୍କ ମଧ୍ୟରେ ୨୧ ବର୍ଷର ବ୍ୟବଧାନ । ବୟସ ବ୍ୟବଧାନ ସେମାନଙ୍କୁ କିପରି ହଇରାଣ କରି ନାହିଁ ସେ ବିଷୟରେ ଦବଙ୍ଗ ଅଭିନେତା ଅରବାଜ କହିଛନ୍ତି ଯେ ସେମାନେ ଜୀବନର ଏମିତି ଏକ ପର୍ଯ୍ୟାୟରେ ଅଛନ୍ତି ଯେଉଁଠାରେ ସେମାନେ ନିଜ ସମ୍ପର୍କକୁ ଗୋଟିଏ ପାଦ ଆଗକୁ ନେବାକୁ ଚିନ୍ତା କରନ୍ତି । ଅବଶ୍ୟ ବେଳେବେଳେ ଜର୍ଜିଆଙ୍କୁ ପଚାରେ, 'ସତରେ' ତାଙ୍କ ୩୩ ବର୍ଷୀୟା ପ୍ରେମିକା ଅତ୍ୟଧିକ ଉତ୍ସାହିତ



ଏବଂ ସେ ତାଙ୍କୁ ସକରାତ୍ମକ ଖୋରାକ ଦିଅନ୍ତି । ସେ ଜଣେ ଚମତ୍କାର ଝିଅ ଏବଂ ଆମେ ଉତ୍ତମ ବନ୍ଧୁ ବୋଲି ଅରବାଜ କହିଛନ୍ତି । ୱାର୍କ ଫ୍ରଣ୍ଟରେ ଅରବାଜ ଖାନ ସୁଧୀର ମିଶ୍ରଙ୍କ ତାନାଭଙ୍କ ସହ ତାଙ୍କର ଓଟିଟି ଡେବ୍ୟୁ କରିଥିଲେ । ନଭେମ୍ବର ୧୧ରୁ ୱେବ୍ ସିରିଜ୍ ସୋନିରେ ଷ୍ଟ୍ରିମିଂ କରୁଛି । ଏହି ଶୋ'ରେ ରଜତ କପୁର, ସତ୍ୟଦୀପ ମିଶ୍ର, ଶଶାଙ୍କ ଆରୋରା, ସୁମିତ କୌଲ୍ ପ୍ରମୁଖ ଅଭିନୟ କରିଛନ୍ତି ।

ଯାତ୍ରା ଜଗତର ସଫଳ ଅଭିନେତା ରବି ଦାଶ

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି

ଓଡ଼ିଶାର ଯାତ୍ରା ଜଗତରେ ଦୀର୍ଘ ବର୍ଷ ଧରି ଅଭିନୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଭେଟେରାନ କଳାକାର ରବି ଦାଶ । ବାଲେଶ୍ୱର ଜିଲ୍ଲାର ଅଭଣା ବିଷ୍ଣୁପୁର ଠାରେ ଶ୍ରୀ ଦାଶ ଜନ୍ମଲାଭ କରନ୍ତି । ତାଙ୍କର ଶରୀର ବର୍ତ୍ତମାନ ଅସୁସ୍ଥ । ରାଜ୍ୟ ସରକାରଙ୍କ ଠାରୁ ସେ ଭତ୍ତା ପାଉଛନ୍ତି । ସେ ୨୦୧୫ ମସିହାରୁ ଅବସର ନେଇଛନ୍ତି । ସେ ଯେଉଁ ସୁପର ହିଟ ନାଟକରେ ଅଭିନୟ କରି ଲକ୍ଷ ଲକ୍ଷ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି ସେଥି ମଧ୍ୟରେ ରହିଛି ବୀଣାପାଣି କଳାକୁଞ୍ଜ ତାରପୁର ଅପେରା କଟକର ନାଟକ ମୋ ଶବ ମୋ କାନ୍ଧରେ, ବାପ ଥାଇ ପୁଅ ଜାରଜ, ଜେଲ ଟାଇଗର, ଶିବାନୀ ଗଣନାଟ୍ୟର ହାତୀ ଘୋଡା ନେ ମୋ ପେଁକାଳି ବଜେଇଦେ, ଟିକିଲି ଅପା, ଦେଇଦେବି ତୋତେ ବୁଢ଼ା ବରକୁ, ଫୁଲ ବଉଳବେଣୀ, ଏ ଦୁନିଆଁ ଚିଡିଆଖାନା, କଳିଙ୍ଗ ଗଣନାଟ୍ୟର ଫଟା କପାଳକୁ ଫିକା ସିନ୍ଦୁର, ଫୁଲ ଆଣିଥିଲି ଫୁଲବାଣୀରୁ, ସାତ ଶଙ୍ଗର ନାଟକ ଗୋଟିଏ ପଇସା, ଜନତା ଗଣନାଟ୍ୟ ର ବକ୍ସି ଜଗବନ୍ଧୁ, କହିବିନି ମାଡ଼ ଖାଇବିନି, ବାଘା ଯତୀନ ଲୋକନାଟ୍ୟର ଆକାଶବାଣୀ କଟକ, ଆଜି ରବିବାର କଚେରୀ ବନ୍ଦ, ମିଥୁନ



ରାଶିର ଝିଅ ପ୍ରଭୃତି । ଈଶ୍ୱରଙ୍କ କୃପାରୁ ଏହି ସଫଳ କଳାକାର ଶ୍ରୀ ଦାଶଙ୍କର ଭବିଷ୍ୟତର ଚଳାପଥ କୁସୁମିତ ହେଉ ।

ସମ୍ପାଦକ ରଙ୍ଗରାଗ,
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ,
ମୋ: ୭୦୦୮୬୪୧୮୫୨

ଓଡ଼ିଆ ସିନେମାରେ ଯୋଡ଼ି ହେବ ନୂଆ ଫର୍ଦ୍ଦ: ଖୁବ୍‌ଶୀଘ୍ର ହିନ୍ଦୀ ଭାଷାରେ 'ଦମନ'

ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ ଥର ପାଇଁ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି । ସଦ୍ୟ ମୁକ୍ତିଲାଭ କରିଥିବା ବହୁ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ଦମନ' ଖୁବ୍‌ଶୀଘ୍ର ହିନ୍ଦୀ ଭାଷାରେ ଡବିଂ ହେବାକୁ ଯାଉଛି । ଏଥିପାଇଁ ବୁଧବାର ଦିନ ଚଳଚ୍ଚିତ୍ରର ନାୟକ ବାବୁସାନ୍ ମହାନ୍ତି, ପତ୍ନୀ ତୃପ୍ତୀ ଶତପଥୀ, ମାମୁ ରବି ମିଶ୍ର ଓ ବନ୍ଧୁ ଭାଲୁ ଭାଇ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହା ପୂର୍ବରୁ ନିର୍ଦ୍ଦେଶକ ବିଶାଲ୍ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କାଙ୍କ ସହ ବ୍ୟବସାୟିକ ମୁଖ୍ୟ ସମ୍ମିତ ଜେନା ସେଠାକୁ ଯାଇ ପ୍ରାରମ୍ଭିକ କାର୍ଯ୍ୟ ଶେଷ କରି ସାରିଛନ୍ତି । ପ୍ରଥମଥର ଓଡ଼ିଆ ସିନେମା ହିନ୍ଦୀ ଭାଷାରେ ଡବିଂ ହେବାକୁ ଯାଉଥିବାରୁ ସିନେ ସମୀକ୍ଷକମାନେ ଏନେଇ ଖୁସିବ୍ୟକ୍ତ କରିବା ସହ ଓଡ଼ିଆ ସିନେ ଶିଳ୍ପ ପାଇଁ ଏହା ଏକ ମାଇଲ୍ ଖୁଣ୍ଟ ବୋଲି କହିଛନ୍ତି । ଡବିଂ ପରେ ଏହି ଚଳଚ୍ଚିତ୍ରଟି ଆସନ୍ତା ଜାନୁଆରିରେ ସର୍ବଭାରତୀୟ ସ୍ତରରେ ମୁକ୍ତିଲାଭ କରିବ । ପରେ ଅନ୍ୟ ଦକ୍ଷିଣ ଭାରତୀୟ ଭାଷାରେ ଡବିଂ ହେବ । ଉଲ୍ଲେଖଥାଉ କି, ଏହି ଚଳଚ୍ଚିତ୍ରଟି ଏକ ସତ୍ୟ ଘଟଣା ଉପରେ ଆଧାରିତ ଓ ସମ୍ପୂର୍ଣ୍ଣ ଅଣପାରମ୍ପରିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । କେବଳ ଓଡ଼ିଶାରେ ନୁହେଁ ରାଜ୍ୟ ବାହାରେ ମଧ୍ୟ ପୂର୍ଣ୍ଣ ପ୍ରେକ୍ଷାଳୟରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ଏହି ଚଳଚ୍ଚିତ୍ରଟି ସଫଳ ହୋଇଛି ।

ଅରବାଜଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ କମେଣ୍ଟ୍ କଲେ ପୂର୍ବ ପତ୍ନୀ ମଲାଇକା ଆରୋରା

ବଲିଉଡ୍ ଅଭିନେତା ଅରବାଜ୍ ଖାନ୍ ତାଙ୍କର ଅପ୍‌କମିଂ ଫିଲ୍ମ 'ପଟ୍‌ନା ଶୁକ୍ଲା'ର ସୁଟିଂ କାମ ଆରମ୍ଭ କରି ସାରିଛନ୍ତି । ଏହି ଫିଲ୍ମଟିକୁ ସେ ନିଜ ପ୍ରଯୋଜନା ବ୍ୟାନ୍‌ରରେ ନିର୍ମାଣ କରୁଛନ୍ତି । ଅରବାଜ୍ ଏହି ଫିଲ୍ମର କ୍ଲାପ୍‌ବୋର୍ଡ ଦେଖାଇ ସୋସିଆଲ୍ ମିଡିଆରେ ଏକ ଫଟୋ ପୋଷ୍ଟ୍ କରିଥିବା ବେଳେ ସେଥିରେ ନିଜର ପ୍ରତିକ୍ରିୟା ରଖିଛନ୍ତି ପୂର୍ବ ପତ୍ନୀ ମଲାଇକା ଆରୋରା । ଅରବାଜ ସୁଟିଂ ଆରମ୍ଭ ହୋଇଛି ବୋଲି ଇନ୍‌ଷ୍ଟା ପୋଷ୍ଟ୍ କରିଥିବା ବେଳେ କ୍ୟାପ୍‌ସନ୍‌ରେ 'ପଟ୍‌ନା ଶୁକ୍ଲା, ଅରବାଜ ଖାନ୍‌ଙ୍କ ପ୍ରଯୋଜିତ ଏକ ଫିଲ୍ମର ସୁଟିଂ କାର୍ଯ୍ୟ ଭୋପାଳରେ ଆରମ୍ଭ ହୋଇଯାଇଛି । ଏହିଠାରେ ଆରମ୍ଭରୁ ଶେଷ ଯାଏ ସମସ୍ତ ସୁଟିଂ ହେବ ।' ଏହା ସହ ଏହି ଫିଲ୍ମ ସହ ଜଡ଼ିତ କଳାକାରମାନଙ୍କୁ ବି ସେ ଟ୍ୟାଗ୍ କରିଛନ୍ତି । ଏହି ପୋଷ୍ଟଟିରେ ବହୁ ବଲିଉଡ୍ କଳାକାରଙ୍କ ସମେତ ଅରବାଜ୍‌ଙ୍କ ପୂର୍ବ ପତ୍ନୀ ମଲାଇବା ବି କମେଣ୍ଟ୍ କରିଛନ୍ତି । ମଲାଇକା ଉକ୍ତ ପୋଷ୍ଟ୍‌ରେ 'ଶୁଭେଚ୍ଛା, ଅରବାଜ ଖାନ୍' ବୋଲି ଲେଖିଛନ୍ତି । ମାଲାଇକା ଆରୋରା ଓ ଅରବାଜ ଖାନ୍ ନିଜ ନିଜ ଜୀବନରେ ଆଗକୁ ବଢ଼ି ସାରିଛନ୍ତି ସତ, ମାତ୍ର ଏବେ ବି ସେ ଦୁହଁଙ୍କ ଭିତରେ ପରସ୍ପର ପ୍ରତି କେଉଁଠି ନା କେଉଁଠି ସ୍ନେହ, ସମ୍ମାନ ଥିବାର ଦେଖିବାକୁ ମିଳୁଛି । ଏବେ ବି ସେମାନେ ପରସ୍ପର ସହ ଏକ ଉତ୍ତମ ସଂପର୍କରେ ରହିଛନ୍ତି ବୋଲି ସୂଚନା ରହିଛି । ନିକଟରେ ଏକ ସାକ୍ଷାତକାରରେ ନିଜେ ଅରବାଜ ଏହି କଥା କହିଥିଲେ । ସେ ତାଙ୍କ ପୂର୍ବ ପତ୍ନୀ ମଲାଇକାଙ୍କ ବିପକ୍ଷରେ କିଛି କହିବା ପରିବର୍ତ୍ତେ ଓଲଟା ସେ ଦୁହିଁଙ୍କ ସଂପର୍କକୁ ନେଇ କିଛି ସକାରାତ୍ମକ କଥା କହିଥିଲେ ।

କୃଷି ଇନପୁଟ୍ ଓ ଫସଲବୀମା ସହାୟତା ଘୋଷଣା ବିଜେଡ଼ି ଓ ବିଜେପି ସରକାରର ନାଟକବାଜୀ : କଂଗ୍ରେସ

ଭୁବନେଶ୍ୱର ,୧୭/୧୧ (ନି.ପ୍ର): ନିର୍ବାଚନ ଆସିଲେ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରଙ୍କ ଚାଷୀଙ୍କ କଥା ମନେପଡ଼େ। ଏବେ ସୁଦ୍ଧା ସରକାରଙ୍କ ଏଜେଣ୍ଡାରେ ଚାଷୀଙ୍କ ପ୍ରସଙ୍ଗ ନାହିଁ। ଫସଲ ବୀମା ଓ କୃଷି ଇନପୁଟ୍ ସହାୟତାକୁ ନେଇ ବିଜେଡ଼ି, ବିଜେପି ଦଳ କେବଳ ନାଟକବାଜୀ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

ଯଦି ସରକାରଙ୍କ ଚାଷୀଙ୍କ ପ୍ରତି ଦରଦ ଥାନ୍ତା ତେବେ ୨୦୨୧ଖରିଫର ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଜି ପର୍ଯ୍ୟନ୍ତ ଫସଲବୀମା ଓ କୃଷି ଇନପୁଟ୍ ସହାୟତା ଦିଆଗଲା ନାହିଁ କାହିଁକି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଉଭୟ ଦଳ ଓ ସରକାରଙ୍କୁ କଂଗ୍ରେସ ପ୍ରଶ୍ନକରିଛି। ଗତ ଖରିଫରେ ରାଜ୍ୟର ୬୪ ବ୍ଲକ ଓ ୧୫ଟି ପୌରାଂଚଳରେ ପ୍ରାୟ ୨ ଲକ୍ଷ୬୪ ହଜାର ହେକ୍ଟର ଚାଷ ଜମିରେ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହେଲା। ମୁଖ୍ୟମନ୍ତ୍ରୀ ନବୀନବାବୁ ଘୋଷଣା କରିଥିଲେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତତ୍‌କ୍ଷଣାତ୍ କୃଷି ଇନପୁଟ୍ ସହାୟତା ରାଶି ପ୍ରଦାନ କରାଯିବ। ୨୦୨୧ ଅକ୍ଟୋବର-୧୧ ତାରିଖ ଦିନ ଏସ.ଆର.ସି ଜିଲ୍ଲାପାଳମାନଙ୍କୁ ରିପୋର୍ଟ ମାଗିଥିଲେ। ଅଦ୍ୟାବଧି ମଧ୍ୟ କ୍ଷୟ କ୍ଷତିର ସଠିକ୍ ରିପୋର୍ଟ ଆସିଲା ନାହିଁ। ଗତ କାଲି ମୁଖ୍ୟମନ୍ତ୍ରୀ ପଦ୍ମପୁର ଉପ-ନିର୍ବାଚନକୁ ଆଖିଆଗରେ ରଖି ଚାଷୀଙ୍କ ମନ ଭୁଲାଇବା ପାଇଁ ଯେଉଁ କୃଷି ଇନପୁଟ୍ ସହାୟତା ଘୋଷଣା କରିଛନ୍ତି ଏହା କେବଳ ପ୍ରଚାର ସର୍ବସ୍ୱ ଓ ଧୂଆଁବାଣ। କଂଗ୍ରେସ ଦଳ ତରଫରୁ ବାରମ୍ବାର ପ୍ରଚଳିତ କୃଷି ଇନପୁଟ୍ ସହାୟତା ରାଶିର ତିନିଗୁଣା ବୃଦ୍ଧିକରି ଚାଷୀଙ୍କୁ ତୁରନ୍ତ ପ୍ରଦାନ କରିବା ପାଇଁ ଦାବୀ କରାଯାଇ ଆସୁଥିବା ବେଳେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି।

ସେହିପରି ଖୋଦ୍ କେନ୍ଦ୍ର କୃଷିମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ଯେ, ତୁରନ୍ତ ପଦ୍ମପୁର, ଝାରବନ୍ଧ, ପାଇକମାଲ ଅଂଚଳର ଫସଲବୀମା କରିଥିବା ଚାଷୀମାନଙ୍କୁ ବୀମାଟଙ୍କା ପ୍ରଦାନ କରାଯାଉ। ଏଥିରୁ ସ୍ପଷ୍ଟ ପ୍ରମାଣିତ ନିର୍ବାଚନ ବୈତରଣୀ ପାର ପାଇଁ ବିଜେପି ଦଳର ଏହା ଏକ ଫଣ୍ଡା ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରବାବୁଙ୍କ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ।

ବରଗଡ଼ ଜିଲ୍ଲାର ପଦ୍ମପୁର ସବଡିଭିଜନ୍ ଏକ ଶୁଖା ଅଂଚଳ। ଏହି ଅଞ୍ଚଳରେ ୮୨ ପ୍ରତିଶତ ହେଲେ ଚାଷୀ। ସେମାନଙ୍କର ଜୀବନ ଜୀବିକା ହେଲା ଚାଷ। କିନ୍ତୁ ଏଠାର ବିଲ ମୁଣ୍ଡକୁ ପାଣି ଯୋଗାଇ ଦିଆ ଗଲାନାହିଁ। ମୁଖ୍ୟମନ୍ତ୍ରୀ ୧୧ ବର୍ଷ ତଳେ ଓଡ଼ିଶାର ସମସ୍ତ ବ୍ଲକସ୍ତରରେ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ପଦ୍ମପୁର ସବଡିଭିଜନର ତିନୋଟି ବ୍ଲକରେ ଆଜି ସୁଦ୍ଧା ୯ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯାଇ ନାହିଁ। ଉଠା ଜଳସେଚନ ପ୍ରକଳ୍ପ ପାଇଁ ଚାଷୀ ୨୦ ହଜାର ଟଙ୍କା ଓ.ଏଲ.ଆଇ.ସି ପାଖରେ ଜମା କରି ଦୀର୍ଘ ବର୍ଷ ଅପେକ୍ଷା କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରି କରାଗଲା ନାହିଁ କିମ୍ବା ଏଠାକୁ ବିଦ୍ୟୁତ ସଂଯୋଗ କରାଗଲା ନାହିଁ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇ ଉଭୟଦଳର ଭୋଟ ହାତେଇବା ପାଇଁ ଯୋରଦାର ଲଢ଼େଇରେ ବ୍ୟସ୍ତ କିନ୍ତୁ ଚାଷୀ ସେମାନଙ୍କ ହକ୍ ପାଇଁ ଆଜି ଯେଉଁ ସତ୍ୟାଗ୍ରହ ଆନ୍ଦୋଳନ କରିଚାଲିଛନ୍ତି ଏହା ବାସ୍ତବରେ କଂଗ୍ରେସ ଦଳର ସ୍ୱପ୍ନକୁ ସାକାର କରିବ।

ଦ୍ୱିତୀୟ ଦିନରେ ମଣି ବରିହା ସ୍ମାରକୀ ଫୁଟବଲ ପ୍ରତିଯୋଗିତା

ବଲାଙ୍ଗିର ,୧୭/୧୧ (ନି.ପ୍ର): ଜନ କଲ୍ୟାଣ ଯୁବକ ସଂଘ ଫୁଟବଳ ଏସୋସିଏସନ କାଲସାଏପାଲି ଅନୁକୂଲ୍ୟରେ ପ୍ରଥମ ମଣି ବରିହା ସ୍ମାରକି ପ୍ରତିଯୋଗିତା ଦ୍ୱିତୀୟ ଦିନ ଖୁଜେନପାଲି ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିନର ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବିଏମ୍ ?ସି କୁ ବାଗଭାଡି ଟ୍ରାଇବ୍ରେକର ରେ ୨-୧ ରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚରେ ଅମାମୁଣ୍ଡାକୁ ଖଲିଆପାଲି ୧-୦ ଗୋଲରେ ପରାସ୍ତ କରିଥିଲା ଏବଂ ତୃତୀୟ ମ୍ୟାଚ ବାଗଭାଡି କୁ ଖଲିଆପାଲି ଟ୍ରାଇବ୍ରେକରରେ ୧-୦ ଗୋଲରେ ପରାସ୍ତ କରି ସେମିଫାଇନାଲ କୁ ପ୍ରବେଶ କରିଛି । ଅତିଥି ଭାବରେ ଖୁଜେନପାଲି ଗ୍ରା.ପ. ସରପଂଚ ରଞ୍ଜିତା ପାଣିଗ୍ରାହୀ, ହେମନ୍ତ ବେହେରା, ସଂଗ୍ରାମ ବହିଦାର ଉପସ୍ଥିତ ଥିଲେ । ମ୍ୟାଚରେ ନରସିଂହ ନାଏଡୁ, ଶରତ ନନ୍ଦ, ଅବଦୁଲ ମୁଜିବ, ଖଲିଉର ରହେମାନ, ରାଜେନ୍ଦ୍ର ଧରୁଆ, ସଞ୍ଜିବ ମହାରଣା, ପ୍ରଫୁଲ୍ଲ ବଗର୍ତି, କାର୍ତିକ ବଗର୍ତି ଓ ମ୍ୟାଚ କମିସନର ଭାବରେ ସୁନିଲ ବିଶ୍ୱାଲ ଖେଳ ପରିଚାଳନା କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ମୁରଲି ଭୋଇ, ଅଭିମନ୍ୟୁ ପାଣ୍ଡେ ଓ କାହ୍ନା ଭୁଏ ପାଇଥିଲେ । ବିନୋଦ କାଲସାଏ, ଦେବାଶିଷ କାଲସାଏ, ଶଙ୍କର ଦିପ, ସୁଦାମ କାଲସାଏ, ମହାଦେବ କାଲସାଏ, ରାହାସ କାଲସାଏ, ଲାଲ ମଣି କାଲସାଏ, ଚକ୍ରରାଜ କାଲସାଏ, ବୁନୁ ତାଣ୍ଡି, ଅଜିତ କାଲସାଏ ଓ ଜନ କଲ୍ୟାଣ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ଜିଲ୍ଲାରେ ବିଜୟିନୀ ଅଭିଯାନର ତୃତୀୟ ଦିବସ

ଝାରସୁଗୁଡ଼ା ,୧୭/୧୧ (ନି.ପ୍ର): "ବିଜୟିନୀ'' ଅଭିଯାନର ଆଜି ତୃତୀୟ ଦିବସରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ବାଲ୍ୟବିବାହକୁ ନିରୁତ୍ସାହିତ କରିବା ସକାଶେ ଶପଥ ପାଠ ଅନୁଷ୍ଠିତ ହୋଇଛି।ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପର ଭାଇଜର, ଅଙ୍ଗନବାଡ଼ି କର୍ମଚାରୀ , ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଓ ବିଭିନ୍ନ ଜାତି ଓ ସମାଜର ମୁଖ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବାଲ୍ୟବିବାହ ମୁକ୍ତ ଜିଲ୍ଲା ଗଠନ ପାଇଁ ସଂକଳ୍ପ ନେଇଥିଲେ। ନିଜ ପରିବାରରେ କାହାରି ବାଲ୍ୟବିବାହ ନ କରିବା, କୌଣସି ଜାଗାରେ ବାଲ୍ୟ ବିବାହ ହେଉଥିବା ସୂଚନା ପାଇଲେ ତାହାକୁ ବନ୍ଦ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିବା ,ବାଲ୍ୟବିବାହର କୁ-ପରିଣାମ ସମ୍ପର୍କରେ କିଶୋର କିଶୋରୀ ତଥା ଯୁବକ ଯୁବତୀ ଓ ସ୍ଥାନୀୟ ଅଂଚଳରେ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତେ ପ୍ରତିଜ୍ଞା ପତ୍ର ପାଠ କରିଥିଲେ ।

ନିଆଁରେ ପୋଡିହୋଇ ଯୁବକର ମୃତ୍ୟୁ

ମାଲକାନଗିରି, ୧୬ ନଭେମ୍ବର (ହି. ସ.)-ଶୀତ ରୁ ରକ୍ଷା ପାଇବା ପାଇଁ କାଠ ଜାଳି ନିଆଁରେ ସେକି ହେଉଥିବା ବେଳେ ପୋଡି ହୋଇ ଜଣେ ଯୁବକର ମୃତ୍ୟୁ ଘଟିଛି। ଏହି ପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏମଭି ୭୯ଥାନାସ୍ଥ ଗିରକାନପାଲ୍ଲୀ ଂଚାୟତ ଅନ୍ତର୍ଗତ ମୁରବାନପାଲ୍ଲୀ ଗ୍ରାମରେ । ମାନସିକ ବିକାର ଗ୍ରସ୍ତ ତିରିଶି ବର୍ଷୀୟ ଯୁବକ ଇର୍ମା ମାଡି ମଙ୍ଗଳବାର ରାତିରେ ଅଧିକ ଥଣ୍ଡା ହୋଇଥିବାରୁ ଘର ବାହାରେ କାଠରେ ନିଆଁ ଲଗାଇ ସେକି ହେଉଥିଲେ। ନିଆଁରେ ସେକିହେଉଥିବା ବେଳେ ନିଆଁ ଭିତରେ ପଡିଯାଇଥିଲେ। ଇର୍ମାଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ଦେବେ ମାଡି ଆସି ତାଙ୍କୁ ନିଆଁରୁ ଉଠାଇ ଥିଲେ। ତାଙ୍କୁ ଗ୍ରାମବାସୀଙ୍କ ସହାୟତା ରେ ଆମ୍ବୁଲାନ୍ସ ଯୋଗେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ । ପରେ ତାଙ୍କୁ ମାଲକାନଗିରି ଜିଲ୍ଲାହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନେଉଥିବା ବେଳେ ଇର୍ମାଙ୍କର ମୃତ୍ୟୁ ହୋଇଯାଇଥିଲା।

ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଶିବିର

ଭୁବନେଶ୍ୱର ,୧୭/୧୧ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏକ ଡିଜିଟାଲ ଜୀବନ ପ୍ରମାଣପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇଯାଇଛି। ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ୍ ଦ୍ୱାରା ଫେସ ଅଥେଂଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା। ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ ସିପିପିସି ଭୁବନେଶ୍ୱର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଅନୁସଚିବ ବିଶାଲ କୁମାର, ୟୁଆଇଡିଏଆଇର ଅଧିକାରୀଗଣ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଟାଲ ଏବଂ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ ବିଭାଗ ଡିଜିଏମ ଅମରେନ୍ଦ୍ର କୁମାର ଉପସ୍ଥିତ ଥିଲେ। ପେନସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି । ପେନସନ ଭୋଗୀମାନେ ଜୀବନ ପ୍ରମାଣ ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଫେସ ଅଥେଂଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ୍ୟ ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଏହାଛଡ଼ା ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ ।

ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି । ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ଠାରେ ଏହି ସଚେତନତା ଶିବିର ଆୟୋଜିତ ହେଉଛି । ବାଲେଶ୍ୱର ଠାରେ ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଆୟୋଜିତ ହେଉଥିବା ବେଳେ କଟକରେ ଆଗାମୀ ୧୯ ତାରିଖରେ ଆୟୋଜିତ ହେଉଛି । ସହଜ ଜୀବନ ଧାରଣକୁ ସୁନିଶ୍ଚିତ କରିବା ଲାଗି ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ ଶିବିରରେ ଭାରତୀୟ ଷ୍ଟେଟବ୍ୟାଙ୍କର ଅଧିକାରୀ ଓ ପେନସନଭୋଗୀମାନେ ଉପସ୍ଥିତ ଥିଲେ ।

ପୁରୀ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର ,୧୭/୧୧ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ବୁଧବାର ପୁରୀ ଗସ୍ତରେ ଯାଇ ପୁରୀ ରେଳ ଷ୍ଟେସନକୁ ନିରୀକ୍ଷଣ କରିବା ସହିତ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ପୁରୀ ରେଳ ଷ୍ଟେସନ ନିରୀକ୍ଷଣ ସମୟରେ ଶ୍ରୀ ସୁନକର ଯାତ୍ରୀ ମାନଙ୍କୁ ଦିଆଯାଉଥିବା ମୌଳିକ ସୁବିଧା ତଥା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସୁବିଧା ଗୁଡିକ ଯେପରି ସମସ୍ତ ବର୍ଗର ଯାତ୍ରୀମାନଙ୍କୁ ସହାୟକ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ଶ୍ରୀ ସୁନକର ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଯାତ୍ରୀ ମାନଙ୍କ ଆରମଦାୟକ ଯାତ୍ରା ପାଇଁ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟ ସହିତ ଗରିବ ଓ ସ୍ୱଳ୍ପ ଆୟ ବର୍ଗର ଯାତ୍ରୀଙ୍କୁ ସୁହାଇଲାଭଳି ଯାତ୍ରୀ ପରିସେବା ଉପଲବ୍ଧ କରାଇବାକୁ ସେ କହିଥିଲେ। ଯାତ୍ରୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକ କରୁଥିବା ବିସ୍ତୃତ ଚଳପ୍ରଚଳ ସ୍ଥାନ, କନକୋର୍ସ, ପ୍ଲାଟଫର୍ମ, ଆଲୋକିକରଣ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ଶୌଚଳାୟ, ଏସ୍କାଲେଟର, ଲିଫ୍ଟ ଇତ୍ୟାଦି ଗୁଡିକର ଉପଲବ୍ଧି ଉପରେ ପ୍ରଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ।

ସମୀକ୍ଷା ବୈଠକରେ ସୁନକର ଉନ୍ନତ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରଣାଳୀ ପାଇଁ ରେଳପଥ ଅଧିକାରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ବୈଠକରେ ପୂର୍ବତଟ ରେଳପଥ ମୁଖ୍ୟ ପ୍ରକଳ୍ପ ଅଧିକାରୀ (ନିର୍ମାଣ) ଅମର ପ୍ରକାଶ ଦ୍ୱିବେଦୀ, ପ୍ରମୁଖ ମେକାନିକାଲ ଇଞ୍ଜିନିୟର ଆର. ରାଜା ଗୋପାଳ ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସମେତ ମୁଖ୍ୟାଳୟ ଓ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ।

ରାସ୍ତା ଓ ୱାଲ୍ ନିର୍ମାଣ କାମରେ ଠିକାଦାରଙ୍କ ମନମାନି : ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ସାଲେପୁର ,୧୭/୧୧ (ନି.ପ୍ର): ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ଦୁର୍ନୀତି ହଟାଇବା ପାଇଁ ଡିଣ୍ଡିମ ପିଟୁଥିଲା ବେଳେ ବ୍ଲକ ସ୍ତରରେ ହେଉଥିବା ଉନ୍ନୟନ କାର୍ଯ୍ୟ ଦୁର୍ନୀତିର ଚରମ ସୀମାରେ ପହଂଚିଥିଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନଥିବା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

ଅଭିଯୋଗରୁ ପ୍ରକାଶ ଯେ, ଗମନାଗମନର ସୁବିଧା ପାଇଁ ୱାଲ୍ଡ ବ୍ୟାଙ୍କ ସହାୟତାରେ କେନ୍ଦ୍ରାପଡା କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ବହୁଗ୍ରାମ ପାଖରୁ ଅସୁରେଶ୍ୱର ପର୍ଯ୍ୟନ୍ତ ରାସ୍ତାକୁ ଉନ୍ନତିକରଣ କରିବା ପାଇଁ ବିଶ୍ୱ ବ୍ୟାଙ୍କ ସହାୟତାରେ ୧୨ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟବରାଦ କରାଯାଇଛି । ସାଲେପୁର ଆର.ଆଣ୍ଡ ବି. ଅଧିନରେ ଥିବା ଏହି ରାସ୍ତା ନିଶ୍ଚିନ୍ତକୋଇଲି ବ୍ଲକର କୋଲଣପୁର ପାଖରୁ ଅସୁରେଶ୍ୱର ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ପିଚୁ କାମ କରାଯାଇଥିଲା ବେଳେ ଯେଉଁସ୍ଥାନରେ ପିଚୁ କାମ କରାଯାଇ ନାହିଁ, ପିଚୁ ହେବା ପାଇଁ ଯେଉଁ ସରଞ୍ଜାମ ପକାଯାଉଛି ତାହା ସରକାରଙ୍କ ନିୟମ ଭିତରେ ନଥିବା ଭଳି ମନେ ହେଉଛି । ପିଚୁ ହେବା ପୂର୍ବରୁ ମେଣ୍ଟାଲ ଓ ପରେ ଡଷ୍ଟ ମିଶା ଚିପ୍ସ ପକାଯାଇ ରୋଲିଂ ହେବା ପରେ ପିଚୁ କରାଯାଏ ବୋଲି ବିଭାଗୀୟ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଥିବା ବେଳେ ବର୍ତମାନ ବରପଡା ପାଖରୁ ଯେଉଁ କାର୍ଯ୍ୟ ହେଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି । ଏହି ସ୍ଥାନରେ ଡଷ୍ଟରେ ଅଳ୍ପ ସାମାନ୍ୟ ଚିପ୍ସ ମିଶାଯାଇ କାମ ହେଉଥିବା ବେଳେ କାର୍ଯ୍ୟସ୍ଥଳରେ ବିଭାଗୀୟ କର୍ମଚାରୀଙ୍କର ଦେଖା ମିଳୁନି ।

ସୂଚନାଯୋଗ୍ୟ ଯେ, ବୁହାଳ ପଂଚାୟତ ବରପଡା ସାନଥାକନ ଗ୍ରାମଟି ବନ୍ୟା ସମୟରେ ଅତ୍ୟନ୍ତ ବିପଦ ସଂକୁଳ ସ୍ଥାନ ହୋଇଥିବାରୁ ଏଠାରେ ବନ୍ଧ କଡରେ ସ୍ୱତନ୍ତ୍ର ୱାଲ୍ ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଛି । ୱାଲ୍ ନିର୍ମାଣ ସମୟରେ ୧୨, ୧୦ ଓ ୮ ଏମ୍ ଏମ୍ ରଡ୍ ବନ୍ଧାଯିବା ପାଇଁ ବ୍ୟବସ୍ଥା ଥିବା ବେଳେ କାର୍ଯ୍ୟଭାର ନେଇଥିବା ଠିକାଦାର ସରକାରୀ ନିୟମକୁ ବେଖାତିରି କରି ଯେଉଁ କାର୍ଯ୍ୟ କରୁଛନ୍ତି ତାହାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି । ବେଳହୁଁ ସାବଧାନ ହୋଇ ଉଚ୍ଚ ପଦସ୍ଥ ଅଫିସର ଏହି କାର୍ଯ୍ୟର ତଦନ୍ତ କଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି ।

ପଦ୍ମପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟିକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏକ ଛଳନା : ଜୟନାରାୟଣ ମିଶ୍ର

ପଦ୍ମପୁର/ଭୁବନେଶ୍ୱର ,୧୭/୧୧ (ନି.ପ୍ର): ବରଗଡ ଜିଲ୍ଲାରେ ରାଜ୍ୟ ସରକାର ଓ ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇ ଥିବା ତ୍ରୁଟିପୂର୍ଣ୍ଣ ଅମଳ ପରୀକ୍ଷା ଉପରେ ଧର୍ମେନ୍ଦ୍ର ପ୍ରଧାନ ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ବରଗଡ ଜିଲ୍ଲା ପଦ୍ମପୁରର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମାରାଶି ପାଇବା ସହ ଓଡ଼ିଶାର ଚାଷୀମାନେ ରାଜ୍ୟ ସରକାରଙ୍କ ଚକ୍ରାନ୍ତରୁ ମୁକ୍ତି ପାଇଛନ୍ତି। ପଦ୍ମପୁରର ଚାଷୀମାନଙ୍କ ସମସ୍ୟାକୁ ସମାଧାନ କରିଥିବାରୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ରାଜ୍ୟ ସରକାର ଚ

ବେତାରର ଅତୀତ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)ତେଣୁ ବେତାରର ଭବିଷ୍ୟତକୁ ନେଇ ଆକଳନ କରିବା ସହଜ ନୁହେଁ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୋଗୁ ହୁଏତ ସମୟ ଆସିପାରେ ରେଡିଓକୁ କେବଳ ଆମେ ମ୍ୟୁଜିଅମ୍ ରେ ଦେଖିବାକୁ ପାଇବା । ଆଧୁନିକ ସମାଜ ହେଉଛି ବିଜ୍ଞାନର ଦାନ । ଆଜି ଆମେ ବିଜ୍ଞାନ ର ଗ୍ରାହକ ବନି ଯାଇଛେ । ବିଜ୍ଞାନର ଦ୍ୱାହି ଦେଇ ଆମେ ଭୁଲିଯାଇଛେ ଆମର ଅତୀତକୁ । ଯଦିଓ ଆଧୁନିକ ଯୁଗରେ ଟେଲିଭିଜନର ଲୋକପ୍ରିୟତା ବଢ଼ିଛି କିନ୍ତୁ ବେତାର ର ବିକଳ୍ପ ନାହିଁ ଏହା ହିଁ ସତ୍ୟ । ଆକାଶବାଣୀ ଶ୍ରୋତା ପରିଷଦ ଓଡିଶା (ଆସ୍ୱୋ) ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ରେଡିଓ ଶ୍ରୋତା ସମ୍ମିଳନୀ ୨୦୨୨ ର ମତ ଅନୁସାରେ ସମୟ ବଦଳିଛି, ରେଡିଓ ବା ବେତାର ପ୍ରତି ଲୋକମାନଙ୍କର ଭାବନାରେ ପରିବର୍ତ୍ତନ ଘଟିଛି କିନ୍ତୁ ବେତାର ଏବେ ବି ଶ୍ରୋତା ମାନଙ୍କର ନିକଟରେ ନିଜର ଆଦର ବଜାୟ ରଖିଛି ଏବଂ ଏହା ଆଗକୁ ବଜାୟ ରହିବ । ପ୍ରଧାନମନ୍ତ୍ରୀ ଙ୍କ ମନ୍ କି ବାତ୍ ଏବଂ ଓଡ଼ିଶା ସରକାରଙ୍କ ରେଡିଓ ପାଠଶାଳା କାର୍ଯ୍ୟକ୍ରମ ରେଡିଓ ର ପ୍ରଚାର ପ୍ରସାର କୁ ଦ୍ୱିଗୁଣିତ କରିଛି । ସମୟ ସ୍ରୋତରେ ସବୁକିଛି ପରିବର୍ତ୍ତନ ଘଟିଛି କିନ୍ତୁ ରେଡିଓ ସହ ସମ୍ପର୍କ କେବେ ଭୁଲିବାର ନୁହେଁ । ଯିଏ ରେଡିଓ ସହ ସମୟ ବିତେଇଛି ସେ କେବେ ବି ଏହାକୁ ଭୁଲିପାରିବ ନାହିଁ । ଏହା ନିଃସନ୍ଦେହରେ କୁହାଯାଇ ପାରେ କି ବାର୍ତ୍ତା ପ୍ରେରଣା ନିମନ୍ତେ ବେତାର ହେଉଛି ଶ୍ରେଷ୍ଠ ମାଧ୍ୟମ ଓ ଦୃଢତାର ଅପ୍ରତିଦ୍ୱନ୍ଦୀ । ବେତାର କେବେ ଏହାର ପ୍ରାସଙ୍ଗିକତା ହରାଇବ ନାହିଁ । ବରଫାବୃତ ହିମାଳୟ ଶୃଙ୍ଗରୁ ଚିଲିକା ଗର୍ଭ ପର୍ଯ୍ୟନ୍ତ ସବୁ ଲୋକ ମାନଙ୍କର ଜାତିଗତ, ବର୍ଣ୍ଣ, ଧର୍ମଗତ ବୈଷମ୍ୟ ନିର୍ବିଶେଷରେ ପାରସ୍ପରିକ ଦୁରତ୍ୱକୁ ବିଲୋପ କରି ମନୁଷ୍ୟ ସହିତ ମନୁଷ୍ୟର ମହା ମିଳନ ପଥ ସୁଗମ କରି ସର୍ବାଦୃତ ହୋଇପାରିଛି ବେତାର ।

ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

ଭଦ୍ରକ,୧୭/୧୧ (ନି.ପ୍ର): ଗତ ୧୪ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଂଚୟ ସପ୍ତାହ ଅବସରରେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରର ବିତର୍କ ପ୍ରତିଯୋଗୀତାକୁ ଫଳାଫଳ ଘୋଷିତ ହୋଇଛି। ଏହି ପ୍ରତିଯୋଗୀତାରେ କନିଷ୍ଠ ଓ ବରିଷ୍ଠ ବିଭାଗର ତର୍କରେ ଭଦ୍ରକ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଯେଭଳି କୃତିତ୍ୱପ୍ରଦର୍ଶନକରିଛନ୍ତି ତାହା ଏକାନ୍ତ ଉଲ୍ଲେଖନୀୟ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀ ଜଣାଇଛନ୍ତି। କନିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଆକାଂକ୍ଷା ଦେବ ରଂଜିତା, ଲୋପାମୁଦ୍ରା ଓମାଜେଦା ଖାନମରହିଥିଲା ବେଳେ ବରିଷ୍ଠ ବିଭାଗରେ ପ୍ରଥମ ଓ ଦ୍ୱିତୀୟ ଭାବରେ ଯଥାକ୍ରମେ ଦମୟନ୍ତୀ ଓ ବର୍ଷା ମନୋନୀତ ହୋଇଛନ୍ତି। ସଂନ୍ଧ୍ୟା ଉତ୍ସବରେ ଜିଲ୍ଲାପାଳ ମହୋଦୟ ଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି। ପ୍ରଥମ ଥରପାଇଁ ମହାବିଦ୍ୟାଳୟର ଛାତ୍ରୀ ଏଭଳି କୃତିତ୍ୱ ପ୍ରଦର୍ଶନ କରିଥିବାରୁ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ନିଜର ଆନନ୍ଦ କରିଛନ୍ତି ଏବଂ ଆଗାମୀ ଦିନରେ ଛାତ୍ରୀ ମାନେ ଏହି ଭଳି ଅନେକ ସଫଳତା ହାସଲ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଚର୍ଚ୍ଚାରେ ରାହୁଲ ଗାନ୍ଧୀଙ୍କ....

ସାମାଜିକ ଗଣମାଧ୍ୟମ କମ୍ପାନୀ ଯେକୌଣସି ରାଜନୈତିକ ଦଳକୁ ଜିତାଇଦେବେ ବୋଲି କହିଛନ୍ତି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ । ରାହୁଲଙ୍କ ଏଭଳି ବୟାନକୁ ନେଇ ଏବେ ଚର୍ଚ୍ଚା ଜୋରଧରିଛି । କାହାର ନା ନନେଇ ରାହୁଲ କହିଛନ୍ତି, ସମାଜରେ ଅଶାନ୍ତି ସୃଷ୍ଟି କରିବା ଉଦେଶ୍ୟରେ ସାମ୍ପ୍ରଦାୟିକତା ହିଂସାକୁ ସ୍ୱତନ୍ତ୍ର ଅସ୍ତ୍ର ଭାବେ ବ୍ୟବାହାର କରାଯାଉଛି । ଏହା ପଛରେ ଏକ ବିଚାରଧାରା ଏବଂ ତାଙ୍କ ନେତା ରହିଥିବା କହିଛନ୍ତି ଏହି କଂଗ୍ରେସ ସାଂସଦ । ରାହୁଲ ଗାନ୍ଧୀଙ୍କ ଏଭଳି ବୟାନକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି । ବିଜେପି ନେତା ମନୋଜ ତିୱାରୀ କହିଛନ୍ତି, ଯଦି ସୋସିଆଲ ମିଡିଆ ଦ୍ୱାରା ନିର୍ବାଚନ ଜିତି ହୁଅନ୍ତା, ତେବେ କଂଗ୍ରେସ କେବେଠୁ ସରକାରରେ ଥାଆନ୍ତା । ଗୁଜରାଟ ବିଧାନସଭା ନିର୍ବାଚନ ଡିସେମ୍ବର ପ୍ରଥମ ସପ୍ତାହରେ ହେବାର ଥିବା ବେଳେ ଡିସେମ୍ବର ୮ ତାରିଖରେ ହିମାଚଳ ସହ ଗୁଜରାଟ ବିଧାନସଭା ଫଳାଫଳ ପ୍ରକାଶ ପାଇବ । ଏହି ଦୁଇଟି ରାଜ୍ୟର ଭୋଟରଙ୍କ ମୁଡ ୨୦୨୪ ସାଧାରଣ ନିର୍ବାଚନରେ ବଡ ଭୂମିକା ନିଭାଇବ ।

ମହଙ୍ଗା ପଡିଲା ରାଗିଂ....

ଭିଡିଓରେ ଥିବା ୧୨ଜଣ ଚିହ୍ନଟ ହୋଇଛନ୍ତି । ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ଏସପି । ଏପରିକି ରାଗିଂରେ ଯଦି କେହି ଛାତ୍ରୀ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ । ୩ ଜଣ ସାବାଳକ ଓ ୨ ଜଣ ନାବାଳକଙ୍କୁ ପୁଲିସ ଧରିବା ପରେ କୋର୍ଟ ଚାଲଣ କରାଯାଇଛି । ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦିଆଯିବ । କଲେଜରେ ରାଗିଂ ରୋକିବାକୁ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ରହିଛି । ରାଗିଂ ଅଭିଯୋଗ ପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କଲେଜ କର୍ତ୍ତୃପକ୍ଷ ଓ ବ୍ରହ୍ମପୁର ପୁଲିସ ।

ଅଜଣା ଗାଡି ଧକ୍କାରେ ବୃଦ୍ଧ ସାଇକେଲ ଆରୋହୀ ମୃତ

ବସ୍ତା,୧୭/୧୧ (ନି.ପ୍ର): ଷାଠିଏ ନଂ ଜାତୀୟ ରାଜପଥ ର ଲେଲୁରା ଛକ ନିକଟରେ ଏକପେଟ୍ରାଲ ପମ୍ପ ପାଖରେ ରେ ସିଂଲ୍ଲା ଥାନାର ଗଙ୍ଗାଧର ପୁର ଗ୍ରାମର ଭବେନ୍ଦ୍ର ଦାସ ବୟସ ୮୩ କୌଣସି କାର୍ଯ୍ୟ ପାଇଁ ରୁପସା ଅଞ୍ଚଳକୁ ରାତି ୪ଟା ସମୟ ଯାଉଥିବା ସମୟରେ ପଛପଟୁ ଏକ ଅଜଣା ଗାଡି ଧକ୍କା ମାରି ଛୁଉ ।ଫଳରେ ଘଟଣା ସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଷାଠିଏନଂ ରାଜପଥଆମ୍ବୁଲେନସ ର କର୍ମଚାରୀ ଯାଇ ମୃ ତଦାସକୁ ବସ୍ତା ଡାକ୍ତର ନେଇଥିଲେ ଖବରପାଇ ଅର୍ମଦାଫାଣ୍ଡି ଅଧିକାରୀ ବିକାଶ ସେଠୀ ଘଟଣା ସ୍ଥଳ ଯାଇ ତଦନ୍ତ କରି କେସ ନଂ ୩୦୦/୨୨ ରୁଜୁ କରିଛନ୍ତି।

ଜାତୀୟସ୍ତର ବ୍ୟାଣ୍ଡ ପ୍ରତିଯୋଗିତାରେ ଯୋଗଦେବେ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ଟିମ

ବାରିପଦା,୧୭/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରିଙ୍କ ମାର୍ଗଦର୍ଶନରେ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱା ?ବଧାନରେ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ରୁକମଣି ମହାନ୍ତ ଓ ଶିକ୍ଷକ ସତ୍ୟରଂଜନ ମହାକୁଡଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ପେଡିଆବେଡା ସ୍ଥିତ ନିଶାପୋଷି ଗ୍ରାମର ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ, ନଭେମ୍ବର ୧୬ ତାରିଖ ଭୁବନେଶ୍ୱର ସ୍ଥିତ ୟୁନିଟ ୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଓଡିଶା ରାଜ୍ୟସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବାଳିକା ବିଭାଗର ୧ମ ସ୍ଥାନ ଅଧିକାର କରି ଜାତୀୟସ୍ତର ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସୂଚନା ଯୋଗ୍ୟ ବାଳକ ବିଭାଗର ବରଗଡ ଜିଲ୍ଲା ପ୍ରଥମ ହୋଇ ଜାତୀୟସ୍ତରରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଛି ।

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ ଭାବରେ ନେପାଳ ଯିବେ

ନୂଆଦିଲ୍ଲୀ, ୧୭/୧୧ : ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କୁ ନେପାଳଙ୍କ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସେଠାକାର ପ୍ରତିନିଧି ସଭା ଏବଂ ପ୍ରାନ୍ତିୟ ବିଧାନସଭା ର ଆଗାମୀ ନିର୍ବାଚନ ପାଇଁ ଆନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ ଭାବରେ ନିମନ୍ତ୍ରଣ କରିଛନ୍ତି । ସଂଘୀୟ ସଂସଦର ୨୭୫ ସଦସ୍ୟ ଏବଂ ୭ ପ୍ରାନ୍ତୀୟ ବିଧାନସଭା ର ୫୫୦ ସିଟ୍ ର ନିର୍ବାଚନ ପାଇଁ ନେପାଳରେ ୨୦ ନଭେମ୍ବର ୨୦୨୨ରେ ନିର୍ବାଚନ ଧାର୍ଯ୍ୟ କରାଯାଇଛି ।

ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ଆଲୋକୀକରଣ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

ପାରାଦୀପ,୧୭/୧୧ (ନି.ପ୍ର): ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳର ଗଡକୁଜଙ୍ଗ ଗ୍ରାମ ପଂଚାୟତ ସମେତ ପାରାଦୀପ ସହରାଂଚଳର ବିଭିନ୍ନ ସ୍ଥାନରେ ଆଲୋକୀକରଣ ସହିତ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ଦିର୍ଘ ଦିନ ଧରି ପାରାଦୀପ ପୌରାଂଚଳର ନେହେରୁ ବଙ୍ଗଳା, ମଧୁବନ ମୁଣ୍ଡାପଡା ଅଂଚଳର ଲୋକମାନେ ରାତ୍ରି ସମୟରେ ଯାତାୟତ କରିବା ସମୟରେ ଆଲୋକର ଅଭାବ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଅଂଚଳର ଲୋକମାନେ ଆଲୋକୀକରଣ ପାଇଁ ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍‌କୁ ସହାୟତା ନିମନ୍ତେ ନିବେଦନ କରିଥିଲେ । ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମସ୍ୟାର ଅନୁଧ୍ୟାନ କରି ଫାଉଣ୍ଡେସନ ପକ୍ଷରୁ ୭୫ଟି ସୋଲାର ଲାଇଟ୍ ସ୍ଥାପନ କରାଯାଇଛି । ସେହିପରି ପ୍ରସ୍ତାବିତ ପ୍ରକଳ୍ପ ଅଂଚଳର ଡିଙ୍କିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,ପାରାଦୀପ ମାଛଧରା ବନ୍ଦର ସମେତ ପାରାଦୀପ ସହରାଂଚଳର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର, ସରକାରୀ ବିଦ୍ୟାଳୟ ଓ ଗୋଷ୍ଠୀ କେନ୍ଦ୍ରମାନଙ୍କରେ ଘଂଟା ପ୍ରତି ୫୦ ଲିଟର ବିଶୁଦ୍ଧ ପାନୀୟ ଜଳ ଯୋଗାଉଥିବା ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଓାଟର ପିୟୁରିଫାୟର ପ୍ରଦାନ କରାଯାଇଛି । ଫଳରେ ଶତାଧିକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି । ପୂର୍ବରୁ ବିଭିନ୍ନ ସ୍ଥାନରେ ଫାଉଣ୍ଡେସନ୍ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ଫାଉଣ୍ଡେସନ୍ ପକ୍ଷରୁ ସୂଚନା ଦିଆଯାଇଛି ।

ଇପି.ଏଫ. ପେନସନ ଭୋଗୀ ସଂଘର ବିକ୍ଷୋଭ ଶୋଭାଯାତ୍ରା



ବାରିପଦା,୧୭/୧୧ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଥିବା ସରକାରୀ ତଥା ବେସରକାରୀ ନିଗମ ଏବଂ ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟଗରେ କାମ କରି ଅବସର ନେଇଥିବା ଇପି.ଏଫ. ପେନସନ ଭୋଗୀ ମାନଙ୍କର ଏକ ଶୋଭାଯାତ୍ରା ବାରିପଦା ଛଉ ପଡିଆଠାରୁ ବାହାରି ଜିଲ୍ଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସଭାପତି ମଦନ ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ରେ ଏ.ଆଇ.ଟି.ୟୁ.ସି. ର ଜିଲ୍ଲା ସଂପାଦକ ଜଗବନ୍ଧୁ ମିଶ୍ର, ମୋଟର ୱାର୍କର୍ସ୍ ସଂଘର ରାଜ୍ୟ ସଂପାଦକ ରଘୁନାଥ ପଣ୍ଡା ଓ ସିଟୁର ଜିଲ୍ଲା ସଂପାଦକ ଅମଲ ଦେ ଯୋଗଦେଇ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦରବୃଦ୍ଧି, ଘରୋଇକରଣ ଓ ବେକାରି ସମସ୍ୟା ଉପରେ ବକ୍ତବ୍ୟ ରଖୁଲେ । ମାସିକ ୯ ହଜାର ଟଙ୍କା ପେନସନ ସହିତ ମହଙ୍ଗାଭତା, ଦେଶ ତଥା ରାଜ୍ୟର ପ୍ରଚଳିତ ସ୍ୱାସ୍ଥ୍ୟ ବିମା ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବର୍ଦ୍ଧିତ ପେନସନ ଇତ୍ୟାଦି ଦାବିରେ ପେନସନ ଭୋଗୀମାନେ ଆନ୍ଦୋଳନ କରିଥିଲେ । ଦାବି ପୂରଣ ନହେଲେ ଆସନ୍ତା ଡିସେମ୍ବର ୭ ତାରିଖଠାରୁ ଦିଲ୍ଲୀର ପାଲ୍ୟାମେଣ୍ଟ ସମ୍ମୁଖରେ ଦେଶରେ ଥିବା ପେନସନ ଭୋଗୀ ବରିଷ୍ଠ ନାଗରିକ ମାନେ ଧାରଣା ଦେବେ ଏବଂ ଏଥିପାଇଁ ଉପୁଜିବାକୁ ଥିବା ସମସ୍ୟା ପାଇଁ ସରକାର ଦାୟୀ ରହିବେ ବୋଲି ମୟୂରଭଂଜ ଜିଲ୍ଲା ଉପସଭାପତି ମଧୁସୁଦନ ଜେନା, ସଂପାଦକ ଗୋପାଳ ଚନ୍ଦ୍ର ଦାସ ପ୍ରକାଶ କରିଥିଲେ । ଶେଷରେ ରାମଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା ।

କଳାବ୍ୟାଜ ପିନ୍ଧି ପ୍ରତିବାଦ କଲେ ଆଉଟସୋର୍ସିଂ କର୍ମଚାରୀ

ଖଇରା, ୧୭/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ଭଳି କୁତ୍ସିତ ଓ ଘୃଣ୍ୟ ପ୍ରଥା ପ୍ରତିବାଦରେ ଖଇରା ବ୍ଲକରେ କାର୍ଯ୍ୟରତ ଏହି ବର୍ଗର କର୍ମଚାରୀ ମାନେ ୧୪ତାରିଖରୁ କଳାବ୍ୟାଜ ପିନ୍ଧି ପ୍ରତିବାଦର ସ୍ୱର ଉତ୍ତୋଳନ ଉଠାଇଛନ୍ତି । ଯଦି ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଆସନ୍ତା ୨୬ତାରିଖ ଠାରୁ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯିବ ବୋଲି କର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି ।

ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଭଦ୍ରକ,୧୭/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତାର ଫତେପୁର ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଫତେପୁର ଗ୍ରାମର ଅର୍ଜୁନ କୁମାର ନାୟକ (୬୦)ଙ୍କର ଆଜି ତିହିଡ଼ି ଡାକ୍ତରଖାନାରେ ମୃତ୍ୟୁ ହୋଇ ଯାଇଛି। ପ୍ରକାଶ ଯେ ଗତ ୧୫ ତାରିଖ ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଫତେପୁର ଛକ ନିକଟରେ ଅର୍ଜୁନଙ୍କୁ ଧକ୍କା ଦେଇଥିଲା। ଫଳରେ ଅର୍ଜୁନ ଗୁରୁତର ଆହତ ହୋଇ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ।

ଅବେଳରେ ଝରିଗଲେ ଯୁବ ବ୍ୟବସାୟୀ କେଦାର : ନୀଳଗିରି ଅଂଚଳର ଶୋକର ଛାୟା

ନୀଳଗିରି,୧୭/୧୧ (ନି.ପ୍ର): ଜଗତର ନାଥ ଜଗନ୍ନାଥଙ୍କ ମାୟାରେ ଫେରାଇ ନେଲେ ନିଜ ପାଖକୁ । ଜଗନ୍ନାଥ ଧାମ ପୁରୀର ଦକ୍ଷିଣ ଦ୍ୱାର ସାମ୍ନାରେ ଆଜକୁ ୪୮ବର୍ଷ ତଳେ ବାପା ରଘୁନାଥ ସିଂହଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ ଶିଶୁ ପୁତ୍ର କେଦାର । ବିଧିର ବିଡ଼ମ୍ବନା । ସମୟକ୍ରମେ କେଦାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିକୁ ଚାଲି ଆସିଥିଲେ। ନୀଳଗିରିରେର ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିଲେ । ନୀଳଗିରି ଯୁବ ସମାଜରେ ସେ ଅତି ପରିଚିତ ଚେହେରା ଥାଇ ବନ୍ଧୁ ବତ୍ସଳ ଓ ପରୋପକାରୀ ଭାବରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ସୂଚନା ଅନୁସାରେ ନୀଳଗିରି ୨ନଂ. ୱାର୍ଡ ଘାଟଘରସାହି ଅଂଚଳର ପୁରୀର ବାସିନ୍ଦା ରଘୁନାଥ ସିଂହଙ୍କ ପୁତ୍ର କେଦାରନାଥ (୪୮) ୩୦ବର୍ଷ ଧରି ନୀଳଗିରିରେ ରହି ବ୍ୟବସାୟ କରିଆସୁଥିଲେ । ଗୁରୁବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନୀଳଗିରି ମେଡିକାଲ ରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ୬ ମାସର ଶିଶୁ କନ୍ୟା ଥିବା ବେଳେ କେଦାରଙ୍କ ସ୍ତ୍ରୀ ଏବେ ନିସହାୟା । ମୃତ ଶରୀରକୁ ବ୍ୟବଚ୍ଛେଦ କଲା ପରେ ବନ୍ଧୁ ପ୍ରିୟଜନ ମରଶରୀରକୁ ଧରି ଏକ ବିରାଟ ପଟୁଆରରେ ନୀଳଗିରି ସହର ପରିକ୍ରମା କରିବା ସହ ନୀଳଗିରି ପାଠାଗାର, ପରେ ବାସସ୍ଥାନ ଘାଟଘରସାହିକୁ ନେଇଥିଲେ । ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ନୀଳଗିରିର ଶୋକର ଛାୟା ଖେଳିଯାଇଛି ।

ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ସ୍ମାରକପତ୍ର ପ୍ରଦାନ

ରେମୁଣା,୧୭/୧୧ (ନି.ପ୍ର): ବିଶ୍ୱ ବିଶ୍ରୁତ ଟୀକାକାର ଶ୍ରୀଧରସ୍ୱାମୀ ଓ ବେଦାନ୍ତାଚାର୍ଯ୍ୟ ବଳଦେବ ବିଦ୍ୟାଭୂଷଣଙ୍କ ପ୍ରତିମୂର୍ତ୍ତି ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ ପାଇଁ ରେମୁଣା ସାହିତ୍ୟ ସଂସଦ ଓ ଶ୍ରୀଧୀ ସ୍ୱାମୀ ସ୍ମୃତି ପରିଷଦ ତରଫରୁ ଏକ ସ୍ମାରକପତ୍ର ଫକୀରମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ବହୋଦୟଙ୍କୁ ପ୍ରଦାନ କରାଯାଇଛି । ଶ୍ରୀଧୀ ସ୍ୱାମୀ ସ୍ମୃତି ପରିଷଦର ସଭାପତି ଡ. ଭାଗବତ ପ୍ରସାଦ ଦାସ, ଶ୍ରୀଧର ସ୍ୱାମୀ ଗବେଷକ ହରେକୃଷ୍ଣ ଗିରି, ବଳଦେବ ବିଦ୍ୟାଭୂଷଣଙ୍କ ଉପରେ ଗବେଷଣାରତ ପଣ୍ଡିତ ନିରଞ୍ଜନ ସାହୁ, ରେମୁଣା ସାହିତ୍ୟ ସଂସଦର ସଂଗଠନ ସମ୍ପାଦକ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଏହାକୁ କାର୍ଯ୍ୟକାରୀ କଲେ ଶିକ୍ଷାର୍ଥୀମାନେ ଉପକୃତ ହେବା ସହିତ ରେମୁଣା ଗ

ଶୁକ୍ରବାର, ନଭେମ୍ବର ୧୮, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଦୁଇଦିନିଆ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଯାପିତ, ୨୪୩୩ଜଣଙ୍କ ନାମ ପଞ୍ଜିକୃତ

ଭଦ୍ରକ, ୧୭/୧୧ (ନି.ପ୍ର): ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ନଭେମ୍ବର ୧୫ ରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ନିଯୁକ୍ତି ମେଳାରେ ଗତକାଲି ୧୬ ତାରିଖ ବୁଧବାର ଦିନ ଶେଷ ହୋଇଛି । ଜିଲ୍ଲାର ୭ଟି ବ୍ଲକ ଓ ଅନ୍ୟ ଜିଲ୍ଲାର ବେକାରୀମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି ମେଳାରେ ସମୁଦାୟ ୨୪୩୩ ଜଣ ନାମ ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରୁ କାଉନ୍‌ସେଲିଂରେ ୧୭୧୭ଜଣ ଅଂଶ ଗ୍ରହଣ କରିଥିଲେ । ନିଯୁକ୍ତି ପାଇଁ ଆବଶ୍ୟକ ପରୀକ୍ଷା ପାଇଁ ୮୮୬ ଜଣ ପିଲାଙ୍କ ନାମ ତାଲିକା ଭୁକ୍ତ କରାଯାଇଥିଲା ଏବଂ ତାଲିମ୍ ଗ୍ରହଣ ପାଇ ୯୬୪ଜଣ ପିଲାଙ୍କୁ ଗ୍ରହଣ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ବ୍ଲକ ରୁ ୧ମ ଦିନରେ ୭୩୪ ଏବଂ ଦ୍ୱିତୀୟ ଦିନରେ ୩୭୭ ସମୁଦାୟ ୧୧୧୧ଜଣ, ସେହିପରି ତିହିଡ଼ି ବ୍ଲକରୁ ଯଥାକ୍ରମେ ୩୧୭ , ୨୨ ସମୁଦାୟ ୩୩୯, ଚାନ୍ଦବାଲିରୁ ୧୭୨ , ୨୧ ସମୁଦାୟ ୧୯୩, ବାସୁଦେବପୁର ରୁ ୧୦୨ , ୨୫ ସମୁଦାୟ ୧୨୭, ବନ୍ତରୁ ୧୦ , ୧୮୦ ସମୁଦାୟ ୧୯୦, ଭଣ୍ଡାରିପୋଖରୀ ରୁ ୧୪ , ୧୨୦ ସମୁଦାୟ ୧୩୪, ଧାମନଗରରୁ ୭,୨୦୨ ସମୁଦାୟ ୨୦୯ ଏବଂ ଅନ୍ୟ ଜିଲ୍ଲାରୁ ୭୦, ୬୦ ସମୁଦାୟ ୧୩୦, ୧ମ ଦିନରେ ୧୪୨୬ ଏବଂ ୨ୟ ଦିନରେ ୧୦୦୭, ଦୁଇ ଦିନରେ ସମୁଦାୟ ୨୪୩୩ ଜଣ ନାମ ପଞ୍ଜିକୃତ କରିଛନ୍ତି । ୧ମ ଦିନରେ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସଂସଦ ମଞ୍ଜୁଲତା ମଣ୍ଡଳ ଓ ସମ୍ମାନିତ ଅତିଥିଭାବେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ଏବଂ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇ ଏହି ମେଳାର ଆଭିମୁଖ୍ୟ ଓ ଏହି ମେଳାର ବେକାରୀ ଯୁବକ ଯୁବତୀମାନଙ୍କ ପାଇଁ କିପରି ଅପୂର୍ବ ସୁଯୋଗ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏହି ମେଳାର ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ମେଳାରେ ପ୍ରାୟ ବେକାରୀ ପିଲାଙ୍କ ପାଇଁ ନିଯୁକ୍ତି ଓ ତାଲିମ ପ୍ରଦାନ ପାଇଁ ସୁଯୋଗ ସୃଷ୍ଟି କରାଯିବା ନେଇ ୨୧ଟି ସଂସ୍ଥା ଷ୍ଟଲ୍ ଖୋଲିଥିଲେ ।

ସାମ୍ବାଦିକଙ୍କ କଲମ ମୁନରେ ଗୋଟିଏ ରାଷ୍ଟ୍ରର ଶାସନ କ୍ଷମତାର ପରିବର୍ତ୍ତନ ହୋଇପାରେ : ଅଶ୍ୱିନୀ ପାତ୍ର

ବାଲିଆପାଳ,୧୭/୧୧ (ନି.ପ୍ର): ଜଣେ ସାମ୍ବାଦିକର କଲମ ମୁନରେ ଏତେ ଶକ୍ତି ଅଛି ଯେ ଗୋଟିଏ ରାଷ୍ଟ୍ରର ଶାସନ କ୍ଷମତାକୁ ପରିବର୍ତ୍ତନ କରିଦେଇ ପାରେ । ସାମ୍ବାଦିକ ମାନେ ସତ୍ୟକୁ ସାମ୍ନାରେ ଛିଡା କରିବା ପାଇଁ ନିର୍ଭୀକତାର ସହ କଲମମର ମୂନକୁ ବଲମ ଭାବରେ ବ୍ୟବହାର କରି ପାରିଲେ ଯାଇ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି ବାଲିଆପାଳ ମିଡିଆ ଫୋରମ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ପର୍ଯ୍ୟଟନ,ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ମାନ୍ୟବର ଅଶ୍ୱିନୀ କୁମାର ପାତ୍ର କହିଛନ୍ତି । ବ୍ଲକଛକସ୍ଥିତ ଶୁଭମ ଗେଷ୍ଟ ହାଉସ ପରିସରରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିଡିଆ ଫୋରମର ସଭାପତି ତଥା ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱରର ସାଧାରଣ ସଂପାଦକ ପ୍ରତାପ କୁମାର ପାତ୍ରଙ୍କ ପୌରହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ରାଜ୍ୟ ବିଜୁଜନତା ଦଳ ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ତଥା ବିଶିଷ୍ଟ ସମାଜସେବୀ ସୁବାସିନୀ ଜେନା ଯୋଗ ଦେଇ ସାମ୍ବାଦିକମାନେ ସେମାନଙ୍କ ଲେଖନୀ ମୂନରେ ଏବଂ ସେମାନଙ୍କ ଜୀବନଚର୍ଯ୍ୟାରେ ଚରିତ୍ର ସଂସ୍କାର ଏବଂ ଭାରତୀୟତା ପ୍ରତିଫଳିତ ହୁଏ ବୋଲି କହିଥିଲେ ।ଅନ୍ୟତମ ଅତିଥି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଯୋଗଦେଇ ।ସମାଜରେ ଖବର ପରିବେଷଣ ସହିତ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା ନିଜ ବକ୍ତବ୍ୟ ମାଧ୍ୟମରେ ସାମ୍ବାଦିକ ମାନଙ୍କ ପାଇଁ ଏକ ସାମ୍ବାଦିକ ପ୍ରକୋଷ୍ଠ ଏବଂ ସଂସ୍କୃତି ଭବନ ନିର୍ମାଣ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ପ୍ରାଧ୍ୟାପକ କେଦାରନାଥ ମହାନ୍ତି ସାମ୍ବାଦିକ ମାନେ ବୃତିକୁ ବ୍ରତ ଭାବେ ପାଳନ କଲେ ଯେତେ ଝଡଝଞ୍ଝା ଆସିଲେ ମଧ୍ୟ ସେମାନଙ୍କୁ କେହି ବିଚଳିତ କରିପାରିବେ ନାହିଁ ବୋଲି କହିଥିଲେ । । ସେହିପରି । ଅନ୍ୟତମ ଅତିଥି ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ ବାଲିଆପାଳରେ କାର୍ଯ୍ୟରତ ସାମ୍ବାଦିକ ମାନେ ନିଜ ଜୀବନକୁ ବିପନ୍ନ କରି ଖବର ପରିବେଷଣ କରୁଥିବା ବେଳେ ରାଜ୍ୟ ସରକାର ସମସ୍ତଙ୍କୁ ବିଭିନ୍ନ ଆର୍ଥିକ ସହାୟତା କରୁଥିବା ବେଳେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଆସନ୍ତା ବିଧାନ ସଭା ଅଧିବେଶନରେ ପ୍ରସ୍ତାବ ରଖିବାକୁ ସଂସ୍କୃତି ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଅନ୍ୟତମ ଅତିଥି ପୂର୍ବତନ ଜିଲାପରିଷଦ ରବୀନ୍ଦ୍ର ନାଥ ଅଣ୍ଡିଆ ବାଲିଆପାଳର ସାମ୍ବାଦିକ ମାନେ ନିରପେକ୍ଷ ସମ୍ବାଦ ପରିବେଷଣ କରୁଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ ।

ଏମ୍ସ ଭୁବନେଶ୍ୱର ପକ୍ଷରୁ ୱାକାଥନ୍ ମାଧ୍ୟମରେ ମଧୁମେହ ଚିକିତ୍ସା ସଚେତନତା

ଭୁବନେଶ୍ୱର,୧୭/୧୧ (ନି.ପ୍ର): ମଧୁମେହ ନିୟନ୍ତ୍ରଣ ତଥା ମଧୁମେହ ସମ୍ବନ୍ଧୀୟ ଜଟିଳତାକୁ ରୋକିବା ପାଇଁ ଉପଯୁକ୍ତ ଚିକିତ୍ସା, ପୁଷ୍ଟିକର ଖାଦ୍ୟ, ନିୟମିତ ବ୍ୟାୟାମ, ଇନସୁଲିନର ସଠିକ୍ ପ୍ରୟୋଗ ଏବଂ କ୍ରମାଗତ ଗ୍ଲୁକୋଜ ମନିଟରିଂ (ସିଜି ଏମ୍) ର ବ୍ୟବହାର ହେଉଛି ପ୍ରମୁଖ ମାଧ୍ୟମ। ଆଜି ଏମ୍ସ ଭୁବନେଶ୍ୱର ପକ୍ଷରୁ "ଆସନ୍ତାକାଲିର ସୁରକ୍ଷା ପାଇଁ ଶିକ୍ଷା" ଶୀର୍ଷକ ବିଷୟକୁ ନେଇ ଆୟୋଜିତ ୱାକାଥନ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ଏପରି ମତ ରଖିଛନ୍ତି। ବିଜୁ ପଟ୍ଟନାୟକ ପୋଲିସ୍ ଟ୍ରେନିଂ ଏକାଡେମୀ ନିକଟରୁ ଆରମ୍ଭ ହୋଇ ଏମ୍ସ ପରିସରରେ ଶେଷ ହୋଇଥିବାଏହି ପଦଯାତ୍ରାରେ ଡାକ୍ତର, ମେଡିକାଲ୍ ଏବଂ ନର୍ସିଂ ଛାତ୍ର ତଥା ଅନୁଷ୍ଠାନର ଏନ ଏସ ଏସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏମ୍ସରେ ମଧୁମେହ ପାଇଁ ଉତ୍ସର୍ଗୀକୃତ ଏଣ୍ଡୋକ୍ରାଇନୋଲୋଜି ୟୁନିଟ୍ ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଛି। ଯଦି କେହି ମଧୁମେହ ରୋଗରେ ଆକ୍ରାନ୍ତ ବୋଲି ସନ୍ଦେହ କରନ୍ତି ତେବେ ସେମାନେ ଏମ୍ସ ଭୁବନେଶ୍ୱରରେ ଥିବା ଏନସିଡି କ୍ଲିନିକରେ ନିଜକୁ ଯାଂଚ କରିପାରିବେ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବିଶ୍ୱାସ ସୂଚନା ଦେଇଛନ୍ତି। ଏହି ଅବସରରେ ଏମ୍ସ ଭୁବନେଶ୍ୱରର ଏଣ୍ଡୋକ୍ରାଇ ନୋଲୋଜି ବିଭାଗର ମୁଖ୍ୟ ଡ. କିଶୋର କୁମାର ବେହେରା ଲୋକଙ୍କୁ ମଧୁମେହ ଚିକିତ୍ସା ସୁବିଧା ବିଷୟରେ ଅବଗତ କରାଇ ଥିଲେ। ଏହି ବିଭାଗ ପ୍ରତି ସପ୍ତାହରେ ପ୍ରାୟ ୨୦୦-୨୫୦ ମଧୁମେହ ରୋଗୀଙ୍କୁ ସେବା ଯୋଗାଇବାରେ ନିୟୋଜିତ ଅଛି ବୋଲି ଡକ୍ଟର ବେହେରା ସୂଚନା ଦେଇଛନ୍ତି।

ନୂଆବଜାର ରାସ୍ତା ସମ୍ପ୍ରସାରଣ : ବୁଲଡୋଜର ଉଚ୍ଛେଦ କଲା ୫୦ ଜବର ଦଖଲକାରୀଙ୍କୁ

ଜଳେଶ୍ୱର, ୧୭/୧୧(ନି.ପ୍ର): ସବୁ ଆକଳନର ପରିସମାପ୍ତି ଘଟାଇ ସ୍ଥାନୀୟ ପ୍ରଶାସନ ନୂଆବଜାରର ୫୦ ଜବରଦଖଳକାରୀଙ୍କୁ ଉଚ୍ଛେଦ କରିଛନ୍ତି । ରେଳ ଓଭରବ୍ରଜ୍‌ଠାରୁ ୬୦ନଂ ଜାତୀୟ ରାଜପଥ ବାଇପାସ୍ ଯାଏ ପୁର୍ତ୍ତବିଭାଗର ରାସ୍ତା ସମ୍ପ୍ରସାରଣ ହେଉଥିବାରୁ ପ୍ରଶାସନ ଏପରି ଏକ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି । ୫୭ ରାଜ୍ୟ ରାଜପଥର ଜଳେଶ୍ୱରର ବଡବଜାରଠାରୁ ୬୦ନଂ ଜାତୀୟ ରାଜପଥଯାଏ ଏବେ ରାସ୍ତା ସଂପ୍ରସାରଣ ହେଉଛି । ରାସ୍ତାର ମଝିରୁ ଦୁଇପଟକୁ ୧୫ ମିଟର ମଧ୍ୟରେ ଥିବା ଜବର ଦଖଲ ଉଚ୍ଛେଦ କରିବାକୁ ପୌରପାଳିକା ଓ ତହସିଲ ପକ୍ଷରୁ ଘୋଷଣା କରାଯାଇଥିଲା । ପୁର୍ତ୍ତ ବିଭାଗ ଏହି ରାସ୍ତାର ପ୍ରସସ୍ତିକରଣ କରୁଥିବାରୁ ପୂର୍ବରୁ ଜଳେଶ୍ୱର ତହସିଲଦାର ଓ ପୌରପାଳିକାକୁ ସବିଶେଷ ଜଣାଇଥିଲା । ଫଳରେ ବଡବଜାରର କେତେକ ସ୍ଥାନରେ ୧୫ ମିଟର ଲେଖାଏଁ ସ୍ଥାନ ଜବରଦଖଲ ମୁକ୍ତ କରିବାଲାଗି ମାପଚୁପ ହୋଇଥିଲା । ନୂଆବଜାର ଅଂଚଳରେ ସେପରି ୧୫ ମିଟର ଲେଖାଏଁ ଉଚ୍ଛେଦ ହେବାର ଥିବା ବେଳେ ସ୍ଥାନୀୟ ନେତୃବୃନ୍ଦ, ବ୍ୟବସାୟୀ ସଂଘ ଓ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇ ୧୩ ମିଟର ଲେଖାଏଁ ଉଚ୍ଛେଦ ହେବାର ନିଷ୍ପତ୍ତି ନିଆଯାଇଥିଲା । ଫଳରେ ବୁଧବାର ଦିନ ତମାମ ଏହି ଜବରଦଖଲ କାର୍ଯ୍ୟ ଲାଗି ରହିଥିଲା । ଏଥିରେ ୧ ପ୍ଲାଟୁନ୍ ପୁଲିସ୍, ୨ଟି ଜେସିବି, ପୌରପାଳିକା କର୍ମଚାରୀ, ତହସିଲ କର୍ମଚାରୀ ଓ ପୁର୍ତ୍ତବିଭାଗ କର୍ମଚାରୀମାନେ ନିୟୋଜିତ ଥିଲେ ।

ଡୁଙ୍ଗୁରା ସମିତିରେ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

ଖଇରା,୧୭/୧୧ (ନି.ପ୍ର): ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଭାବେ ଖଇରା ର ଗଣେଶ ପ୍ରସାଦ ମହାପାତ୍ର ନିର୍ବାଚିତ ହେବା ପରେ ତାଙ୍କୁ ଗୁରୁବାର ଦିନ ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଖଇରା ବ୍ଲକ ଡୁଙ୍ଗୁରା ସେବା ସମବାୟ ସମିତି ପରିସରରେ ସମ୍ପାଦକ ବିଭୁତି ଭୁଷଣ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତି ମହାପାତ୍ର ତାଙ୍କର ବିଜୟର ଶ୍ରେୟ ସମସ୍ତ ଅଞ୍ଚଳବାସୀଙ୍କୁ ପ୍ରଦାନ କରିଥିବା ବେଳେ ବିଶେଷଭାବେ ଏହି ସଫଳତା ପାଇଁ ସ୍ଥାନୀୟ ବିଧାୟକଙ୍କ ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ସେ ଚାଷୀଙ୍କ ହିତ ପାଇଁ ଯାହା ପଦକ୍ଷେପ ଦରକାର ତାହା ନିଆଯିବ ବୋଲି କହିଥିଲେ । ଉକ୍ତ ସଭାରେ ସହନିବନ୍ଧକ କାର୍ଯ୍ୟାଳୟର ନିରିକ୍ଷକ କିଶୋର ଦଳେଇ, ସମବାୟ ବ୍ୟାଙ୍କ ଖଇରା ଶାଖାର ପରିଚାଳକ ଯଦୁନାଥ ମଣ୍ଡଳ, ସହ ସମ୍ପାଦକ ଗୌରାଙ୍ଗ ଦାସ, ପରିଚାଳନା ବୋର୍ଡ ସଭାପତି ଶତ୍ରୁଘ୍ନ ମହାନ୍ତି, ସରପଞ୍ଚ ପ୍ରକାଶ ଲେଙ୍କା, ସମିତିସଭ୍ୟା ପ୍ରତିନିଧି ଶିଶିର ସାମଲ, ଝିଙ୍କିରିଆର ପୂର୍ବତନ ସରପଞ୍ଚ ମଧୁସୂଦନ ମାଝୀ, ବଡଜୟିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୈତାରୀ ସେଠୀ, ବିଜେଡି ନେତା ଶଙ୍କର୍ଷଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଜଣେ ଅଣକଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମ କରି ଖଇରା ବ୍ଲକରୁ ଜଣେ ବ୍ୟକ୍ତି ଏହି ସମ୍ମାନଜନକ ଆସନ ଲାଭ କରିଥିବାରୁ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଖୁସିର ଲହରି ଖେଳି ଯାଇଛି ।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ କର୍ଦ୍ଦମାକ୍ତ : ଛାତ୍ରଛାତ୍ରୀଙ୍କ ଯାତାୟାତରେ ବାଧକ

ଜଳେଶ୍ୱର,୧୭/୧୧ (ନି.ପ୍ର): ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥରୁ ଆମ୍ବଳିଅଠା-ନଛିମପୁର ଯାଏ ଲମ୍ବି ଯାଇଥିବା ରାସ୍ତା ଏବେ ଶୁଖିଲା ଦିନରେ କର୍ଦ୍ଦମାକ୍ତ ହେଉଛି । ଫଳରେ ଛାତ୍ରଛାତ୍ରୀ, ଜନସାଧାରଣ, ନଛିମପୁର ପଂଚାୟତବାସୀ ଏପରିକି ମନ୍ଦିରକୁ ଯାତାୟାତ କରୁଥିବା ଶ୍ରଦ୍ଧାଳୁଙ୍କର ଯାତାୟାତରେ ଘୋର ବାଧକ ସୃଷ୍ଟି ହେଉଛି । ଆମ୍ବଳିଅଠାରୁ ନଛିମପୁର ଯାଏ ଲମ୍ବିଥିବା ରାସ୍ତାର ଆମ୍ବଳିଅଠା ଗାଁ ମଧ୍ୟଦେଇ ଗତି କରିଛି । କିନ୍ତୁ ଗାଁର ସ୍କୁଲ, ମନ୍ଦିର ଓ ସେବା ସମବାୟ ସମିତି ନିକଟରେ ଥିବା କେତେକ ବ୍ୟକ୍ତି ନିଜ ଘରୁ ବ୍ୟବହୃତ ଅସନାପାଣିକୁ ରାସ୍ତାକୁ ଛାଡୁଛନ୍ତି । ଫଳରେ କଂକ୍ରିଟ ରାସ୍ତା ଉପରେ ଏହି ଅସନା ଓ ଦୁର୍ଗନ୍ଧ ପାଣି ଜମି ରହୁଛି । ଏହା ଦ୍ୱାରା ଯାତାୟାତରେ ବିଭିନ୍ନ ବର୍ଗର ଲୋକ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛି । ଜମୁଥିବା ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଥିବା ପଂଚାୟତବାସୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏପରିକି ସେଠାରେ ପାଣି ଜମି ଗର୍ତ୍ତ ସୃଷ୍ଟି ହେଉଥିବାରୁ ଦୁର୍ଘଟଣା ଘଟୁଛି ।

ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରି ଓ ବୌଦ୍ଧରେ ୩୨.୦ ଡ଼ିଗ୍ରୀ

ଭୁବନେଶ୍ୱର,୧୭/୧୧ (ନି.ପ୍ର): ଆଜି ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରି ଓ ବୌଦ୍ଧରେ ୩୨.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୦ ଡ଼ିଗ୍ରୀ ରହିଛି । ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୦.୨ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୬.୫ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି । ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୨୯.୬ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୬.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି ।

ସ୍କୁଲ ପରିଚାଳନା କମିଟି ନକରିବା ନେଇ ଅସନ୍ତୋଷ

ବସ୍ତା,୧୭/୧୧ (ନି.ପ୍ର): ବସ୍ତା ବ୍ଲକର ରାମଚନ୍ଦ୍ରପୁର ୟୁଜି ୟୁପି ସ୍କୁଲ ପାଟକ ପାଖରେ ଧାରଣା ଦେଉଛନ୍ତି । ଅଭିଭାବକ ଘଟଣାରୁ ପ୍ରକାଶ ଯେ ଗତଦିନିବର୍ଷ ଧରି ଉକ୍ତ ସ୍କୁଲରେ ସ୍କୁଲ ପରିଚାଳନା କମିଟି ନକରିବା ନେଇ ଅସନ୍ତୋଷ ଦେଖା ଦେଇଛି । ଏବାବଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ ଓ ବିଓ ଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ଫଳ ନହବା ଯୋଗୁଁ ବାଧ ହୋଇ ଧାରଣାରେ ଆଜି ବସିଥିବା ଜଣାପଡିଛି। ସ୍କୁଲହତା ସଫେଇ ପୁରୁଣା ଘରେ ପାଠ ପଢାଇବା ନେଇ ଅସନ୍ତୋଷ ଦେଖାଯାଇଛି। ଗତ କିଛିଦିନ ପୂର୍ବରୁ ଏକ ଛାତ୍ରକୁ ସାପ କାମୁଡି ଥିଲା । ଏହାର ନଜିର ଅଛି ଶିକ୍ଷକ ଓ ଏସ.ଏସ.ଜି ଗ୍ରୁପ ମାନଙ୍କର ଭଲ ସଂପର୍କ ନଥିବା କାରଣରୁ ଖରାପ ଖାଦ୍ୟ ଦେବାର ଅଭିଯୋଗହୋଇଛି। ଆଜି ସ୍କୁଲ ପରିଚିଳନା କମିଟି ନକଲେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଗେଟରେ ଛାଡିବେନି ବୋଲି ଗଦାଧରବାଗ, ମାଳତୀ ପରିଡା, ନିତ୍ୟାନନ୍ଦ ଭୂୟାଁ, ଭଗିରଥଦାସ, ସୁମନ୍ତି ମାହାନ୍ତି, ଶାନ୍ତିଲତିକର, ମଦନ କୁଣ୍ଡୁ, ବିଶ୍ୱନାଥ ସାହୁ, ଭଗିରଥି ଦାସ, ରବିନ୍ଦ୍ର ଗିରି, ସୁମନ୍ତି ଜେନା, ଅହଲ୍ୟା ଜେନା ପ୍ରମୁଖ କହିଅଛନ୍ତି । ପରିତାପର ବିଷୟ ନିୟୁଜ ଲେଖାପର୍ଯ୍ୟନ୍ତ କେହି ଅଧିକାରୀ ଯାଇନଥିବା ଜଣା ପଡିଛି ଆଜି ସ୍କୁଲରେ ପରିକ୍ଷା ଚାଲିଛି ପରୀକ୍ଷା ସରିଲା ପରେ ଦିନ ଚାରିଟା ବେଳେ ସ୍କୁଲର ସବୁ ଅଧିକାରୀ ମାନଙ୍କୁ ଛଡା ଯିବନାହିଁ ବୋଲି ଆମ ପ୍ରତନିଧିଙ୍କୁ କହିଛନ୍ତି।

୨୨ତମ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ

ପାରାଦୀପ,୧୭/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରିଡା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଗୁରୁବାର ଦିନ ପୂର୍ବାହ୍ନରେ ପାରାଦୀପ ଜୟଦେବ ସଦନ ପରିସରରେ ୨୨ତମ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଭାରତୀୟ କୋଷ୍ଟଗାର୍ଡର ଡି.ଆଇ.ଜି. ଓାଇ.କେ.ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତା ଅତିଥି ଭାବେ ପାରାଦୀପ ଲେଡିଜ୍ କ୍ଲବ୍‌ର ଉପସଭାନେତ୍ରୀ ସୁଚିଶ୍ମିତା ବୋଷ ଯୋଗ ଦେଇଥିଲେ । ଭାରତ ବର୍ଷର ୯ ଗୋଟି ବୃହତ ବନ୍ଦରର ୨୦୦ ପ୍ରତିଯୋଗୀ ଚଳିତ ବର୍ଷର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଉଦଘାଟନୀ ସମାରୋହରରେ ଆୟୋଜନ କମିଟିର ଅଧକ୍ଷ ଡି.ଏନ୍.ସୋନ୍ଧି ପୌରହିତ୍ୟ କରିଥିଲେ । ଉପାଧକ୍ଷ ଦିପକ ରଥ,ସମ୍ପାଦକ ଡା.ଡି.ପି.ସେଠୀ ଏହି ଅବସରରେ ନିଜସ୍ୱ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ରଂଜନ ରଶ୍ମୀ ବେଉରା ପରିଚାଳନା କରିଥିଲେ । ପ୍ରତିଯୋଗୀମାନେ କ୍ଲାସିକାଲ ଭୋକାଲ, ଲାଇଟ୍ ଭୋକାଲ, ବାଦ୍ୟଯନ୍ତ୍ର, ନୃତ୍ୟ, ଡ୍ରାମା ଆଦି ବିଭାଗରେ ଅଂଶଗ୍ରହଣ କରିବେ । ସଂଧାରେ ମୁମ୍ବାଇର ଜବାହାର ନେହେରୁ ବନ୍ଦରର ପ୍ରତିଯୋଗିମାନେ କଳା ନୈପୁଣ୍ୟ ପ୍ରଦର୍ଶନ କରିବା ପରେ କୋଲକତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରର କଳାକାରମାନେ ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତା ୨୦